## ଜାତୀୟ ରାଜପଥ ୧୬ରୁ ମଧୁସୂଦନପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମରେ ଦୁର୍ନୀତି

# କାମ ନ ସରୁଣୁ ଉଠିଲା କଂକ୍ରିଟ୍; ପୁନଃନିର୍ମାଣ ପାଇଁ ଦାବି

**ଧର୍ମଶାଳା, ୨୮ ।୩(ସମିସ)**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବଡ଼ କେଲେଙ୍କାରୀ । ଯନ୍ତ୍ରୀ ଓ ଠିକାଦାରଙ୍କ ମିଳିଭକତରେ ରାଜକୋଷରେ ଚୁନ ଲଗାଇବା ପାଇଁ ଚେଷ୍ଟା କରାଯାଉଛି । ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକରେ ଉନ୍ନୟନ କାର୍ଯ୍ୟରେ ଟେଣ୍ଡର ଫିକ୍ସିଂ ଓ ବ୍ୟାପକ ଭାବେ ଦୁର୍ନୀତି ହେଉଛି । ଏଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବ୍ୟାପକ ଦୁର୍ନୀତି ସହ ସାଧାରଣ ଲୋକଙ୍କ ସ୍ୱାର୍ଥ ବ୍ୟାଘାତ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । କାମ ନ ସରୁଣୁ କଂକ୍ରିଟ୍ ଉଠିଗଲାଣି । ଫଳରେ ଗ୍ରାମବାସୀ ରାସ୍ତାକୁ ପୁନଃନିର୍ମାଣ ପାଇଁ ଦାବି କରିଛନ୍ତି । ସୂଚନା ମୁତାବକ, ଧର୍ମଶାଳା ବ୍ଲକର ଏନ୍‌ଏଚ୍ ୧୬ଠାରୁ ମଧୁସୂଦନପୁର ଭାୟା ରଘୁନାଥପୁର ପର୍ଯ୍ୟନ୍ତ ୭ କିଲୋମିଟର ୩୪୦ ମିଟର ରାସ୍ତା ନିର୍ମାଣ ପାଇଁ ଭାରତ ସରକାରଙ୍କଠାରୁ ୫ କୋଟି ୬୦ ଲକ୍ଷ ୩୨ ହଜାର ଟଙ୍କା ଅର୍ଥ ପ୍ରଦାନ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଜାରକା ଅଧୀନରେ ଥିବା ଏହି ରାସ୍ତାର ପାଞ୍ଚବର୍ଷ ରକ୍ଷଣାବେକ୍ଷଣ ପାଇଁ ୧ କୋଟି ୪୨ ଲକ୍ଷ ୬୭ ହଜାର ଟଙ୍କା ମଞ୍ଜୁର ହୋଇଛି । ମା' ସନ୍ତୋଷୀ କନଷ୍ଟ୍ରକ୍‌ସନ୍ ଏହି ରାସ୍ତା ନିର୍ମାଣ କରୁଥିବାବେଳେ ରାସ୍ତା ନିର୍ମାଣରେ ଆଖିବୁଜା ଦୁର୍ନୀତି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନ୍‌ଏଚ୍ ୧୬ଠାରୁ ଭେଜିଗୋଠ ପର୍ଯ୍ୟନ୍ତ ଯାଇଥିବା ପିଚୁ ରାସ୍ତାର ପୁନଃ ନିର୍ମାଣ ପୂର୍ବରୁ ପୁରୁଣା ପିଚୁକୁ ରାସ୍ତାରୁ ଖୋଳା ଯାଇ ବାହାରେ ପକାଯାଇନାହିଁ । ପରେ ଗୋଡିପାଟିଆ ଗ୍ରାମ ଓ ଦଣ୍ଡାଘାଟି ଗ୍ରାମର କଂକ୍ରିଟ ହେବାର ମାତ୍ର ୨ ମାସ ହୋଇନାହିଁ । ପ୍ରତି ୨୦ ଫୁଟ୍ ଦୂରତାରେ ଠାଏ ଠାଏ କଂକ୍ରିଟ ଉଠିଲାଣି ଓ ରାସ୍ତା ମଝିରେ ଖାଲ ସୃଷ୍ଟି ହୋଇଛି । ପୁରୁଣା ପିଚୁ ଖୋଳା ଯାଇ ରାସ୍ତାରେ ପୁଣି ପକାଇ ବ୍ୟବହାର କରାଯାଇଛି । ଏହି ପୁରୁଣା ପିଚୁ ଉପରେ ପୁଣି ଡଷ୍ଟ ଓ ମାଟି ଢାଳି ଦିଆଯାଇ ରାସ୍ତା ନିର୍ମାଣ କରାଯାଇଥିଲା । ରାସ୍ତା ନିର୍ମାଣର ଡିଜାଇନ ଅନୁସାରେ ରାସ୍ତାରେ ବିଭିନ୍ନ ସ୍ତରର କାର୍ଯ୍ୟ ଆଦୌ କରାଯାଇ ନ ଥିବା ସାମାଜିକ କର୍ମୀ କୁଳମଣି ପ୍ରଧାନଙ୍କ ସହ ଗୋଡିପାଟିଆ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣରେ ପାଣି ଛିଞ୍ଚାଯାଇ ଆଦୌ ରୋଲିଂ କରାଯାଉନାହିଁ । ଏହି ରାସ୍ତା କାମ ୧୬.୧.୨୦୨୩ରେ ଆରମ୍ଭ ହୋଇ ୧୫.୧୨.୨୦୨୩ରେ ଶେଷ ହେବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ କାମ ସରିନାହିଁ । ଏହି ରାସ୍ତାଟି ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ବାଲିସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜେନାପୁର ସ୍ୱାସ୍ଥ୍ୟକେନ୍ଦ୍ର, ରେଳ ଷ୍ଟେସନ, ବାଲିସାହି ଉଚ୍ଚ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, କଲେଜ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟାତ କରିବାକୁ ଗାଁର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।



ନିମ୍ନମାନର କାମ ପାଇଁ ରାସ୍ତାଟି ନିର୍ମାଣ ନ ସରୁଣୁ ବିଭିନ୍ନ ସ୍ଥାନରେ କିଛି ଅଂଶ ଭାଙ୍ଗି ପଡ଼ିବା ସହ ରାସ୍ତା କଡ଼କୁ ରାସ୍ତା ଧସି ପଡୁଥିବା ଦେଖିବାକୁ ମିଳୁଛି । ଦଣ୍ଡାଘାଟିଠାରୁ ଭାୟା ରଘୁନାଥପୁର ପର୍ଯ୍ୟନ୍ତ ରାସ୍ତା ଦୀର୍ଘ ୫ ମାସ ଧରି ପିଚୁ ତାଡି ମେଣ୍ଟାଲ ବିଛାଇ କାମ ନ କରିବା ଫଳରେ ସେହି ରାସ୍ତାରେ ଅନେକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି । ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏଠାରେ ରାସ୍ତାକୁ ଅଣ ଓସାରିଆ କରିଦିଆଯାଇଛି । ବିଭାଗୀୟ ଉଚ୍ଚ ଅଧିକାରୀ ସରକାରୀ ଅର୍ଥର ସଦୁପଯୋଗ ଓ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଉଠିଯାଇଥିବା କଂକ୍ରିଟ ରାସ୍ତାକୁ ପ୍ୟାଚ୍ ନ ପକାଇ ପୁନଃ ନିର୍ମାଣ ସହ ଏହି କାର୍ଯ୍ୟକୁ ତଦାରଖ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଭିଜିଲାନ୍ସ ସ୍କାନରକୁ ଆଣିବାକୁ ସାମାଜିକ କର୍ମୀ କୁଳମଣିଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି ।

## ଗଣ୍ଡାନାଳ ସେତୁ କାମ ଆରମ୍ଭ

**ଟମକା, ୨୮ ।୩(ସମିସ):** ଦାନଗଦି ବ୍ଲକ ଦେଉଳକଣ ପଞ୍ଚାୟତର ନୟାବଗପାଟିଆ ଗ୍ରାମର ସଂଯୋଗୀକରଣ ପାଇଁ ବିଜୁ ସେତୁ ଯୋଜନାରେ ଗଣ୍ଡାନାଳ ଉପରେ ପୋଲ କାର୍ଯ୍ୟ ଆରମ୍ଭ ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ସହିତ ବାରମ୍ବାର ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରସାରଣ ପରେ ବିଭାଗୀୟମନ୍ତ୍ରୀ ଙ୍କ ପ୍ରୀତିରଞ୍ଜନ ଘଡ଼ାଇ ନିଜେ ଗୁରୁତର ସହ ନେଇ ଶୀଘ୍ର କାର୍ଯ୍ୟ ଆରମ୍ଭ ପାଇଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଠିକାଦାରଙ୍କ ସରକାରୀ କାଗଜପତ୍ର ଠିକ୍ ହେବା ପରେ ଉକ୍ତ ଗଣ୍ଡା ନାଳ ପାଖରେ ମେସିନ୍ ଯୋଗେ ମାଟି ଖୋଳା କାମ ଆରମ୍ଭ ହେବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ନୟାବଗପାଟିଆ ଦୁଇ ସାହିର ବାସିନ୍ଦା ବେଶୀ ଖୁସି ବ୍ୟକ୍ତ କରିଛନ୍ତି । ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭଗବାନ ନାୟକ, ଗୟାଧର ଦେହୁରୀ, ପଞ୍ଚାନନ ଜେନା, ଭିକାରି ସାହୁ, ଆନନ୍ଦ ଚନ୍ଦ୍ର ଜେନା, ରତ୍ନାକର ପାତ୍ର ଆନନ୍ଦ ପ୍ରକାଶ କରିଛନ୍ତି । ପୂର୍ବତନ ସରପଞ୍ଚ ନରୋତ୍ତମ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ମନ୍ତ୍ରୀ ଶ୍ରୀ ଘଡ଼ାଇଙ୍କୁ କୃତଜ୍ଞତା ଜଣାଇଛନ୍ତି । ବହୁଦିନର ସ୍ୱପ୍ନ ଆଜି ପୂରଣ ହୋଇଥିବାରୁ ପଞ୍ଚାୟତବାସୀ ଶ୍ରୀ ଘଡାଇଙ୍କୁ ଧନ୍ୟବାଦ ଜଣାଇଛନ୍ତି ।




## ବ୍ରାହ୍ମଣୀ ନଦୀରୁ ବୃଦ୍ଧା ସୁରକ୍ଷିତ ଉଦ୍ଧାର



**କବାଟବନ୍ଧ, ୨୮ ।୩ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ନଦୀରୁ ଅଗ୍ନିଶମ ବାହିନୀ ଦ୍ୱାରା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ସିଧାପାଳ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀକୁ ସ୍ଥାନୀୟ ଲୋକମାନେ ଗାଧୋଇବାକୁ ଯାଇଥା'ନ୍ତି । ଗ୍ରାମ ସଂଲଗ୍ନ ନଦୀ କୂଳରେ ପାଣି ନ ଥିବାରୁ ନଦୀ ସେପଟ ଧାରକୁ ଯିବାକୁ ପଡୁଛି । ବୁଧବାର ସକାଳେ ମହିଳାମାନେ ଗାଧୋଇବାକୁ ଯାଇଥିଲେ । ଦୂରକୁ ଠିକ ଭାବେ ଦେଖା ଯାଉ ନ ଥିଲେ ମଧ ନଦୀ ମଝିରେ କେହି ଜଣେ ଥିବା ଅନୁମାନ କରିଥିଲେ । ମାଛ ଧରିବା ପାଇଁ କେହି ଯାଇଥିବେ ଭାବି ଗୁରୁତ୍ୱ ଦେଇ ନ ଥିଲେ । ପରଦିନ ଅର୍ଥାତ ଗୁରୁବାର ସକାଳୁ ମହିଳାମାନେ ପୁଣି ଗାଧୋଇବାକୁ ଯାଇଥିଲେ । ସେହି ଗୋଟିଏ ସ୍ଥାନରେ ତାଙ୍କୁ ପୁଣି ଦେଖିଥିଲେ । ନଦୀ ଭିତରେ ଦୂରତା ଅଧିକ ଥିବାରୁ ଡାକିଲେ ବି ଠିକ୍‌ରେ ଶୁଭୁ ନ ଥିଲା । ମଝିରେ ମଝିରେ ମହିଳା ଜଣଙ୍କ ପାଣି ଭିତରେ ଥାଇ ହାତ ଠାରି ଡାକୁଥିଲେ । କେହି ଜଣେ ଅସୁବିଧାରେ ପାଣି ଭିତରେ ରହିଯାଇଛି ସନ୍ଦେହ କରି ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀର ଷ୍ଟେସନ ଅଫିସର ଉଦ୍ଧବ ଚରଣ ସାହୁ ଓ ଅନ୍ୟ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ । ଉଦ୍ଧାର ପରେ ବୃଦ୍ଧା ଜଣଙ୍କୁ ଖାଇବାକୁ ଦିଆଯାଇଥିଲା । ସେ ସାମାନ୍ୟ ମାନସିକ ବିକୃତ ଥିବା ଜଣାପଡ଼ିଥିଲା । ସେ ଜଣେ ଅଣଓଡିଆ ବୋଲି ଜଣାପଡ଼ିବା ସହିତ ତାଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ସେ ଉଭୟ ହିନ୍ଦୀ ଓ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଥିଲେ । ତେବେ ସେ ୨ ଦିନରୁ ଊର୍ଦ୍ଧ୍ୱ ହେବ ପାଣି ଭିତରେ ରହିଥିବା ଅନୁମାନ କରାଯାଉଛି ।

## ବଡ଼ବଜାର ବ୍ୟବସାୟୀ ସଂଘର ବାର୍ଷିକ ଉତ୍ସବ

**ଧର୍ମଶାଳା, ୨୮ ।୩(ସମିସ):** ଧର୍ମଶାଳା ବ୍ଲକ ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅମରେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଉଠା ଦୋକାନୀ ମହାସଙ୍ଘ ସଭାପତି ମହେଶ୍ୱର ବଳ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବାର୍ଷିକ ଉତ୍ସବ ସମସ୍ତ ବ୍ୟବସାୟୀ ବନ୍ଧୁଙ୍କ ପାଇଁ ଉପାଦେୟ ହେବା ସହ ଏହା ଏକ ବନ୍ଧୁ ମିଳନ ବୋଲି ଅଭିବ୍ୟକ୍ତ କରିଥିଲେ । ସମ୍ପାଦକ ଇଂ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ପୀତବାସ ସାହୁ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ଏହି ଉତ୍ସବକୁ ବରିଷ୍ଠ ଉପଦେଷ୍ଟା କରୁଣାକର ବରାଳ ପରିଚାଳନା କରିଥିବାବେଳେ ଶୃଙ୍ଖଳିତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଙ୍ଘର ଅନ୍ୟତମ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଦୁର୍ଯୋଧନ ସାହୁ, ସଦସ୍ୟ ଲକ୍ଷ୍ମଣ ସାହୁ, ଆଲୋକ କର, ପ୍ରଫୁଲ୍ଲ ସାହାଣୀ, କୁଳମଣି ରାଉତ, ରବୀନ୍ଦ୍ର ବରାଳ, ତାରିଣୀ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରୀତିରଞ୍ଜନ ଜେନା, ଗୁରୁଚରଣ ନାଥ, ସରିତ ଦାସ, ପ୍ରିୟରଞ୍ଜନ ଦୋରା, ନରୋତ୍ତମ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

### ବିଦ୍ୟୁତ୍ କର୍ମଚାରୀଙ୍କ ଜୁଲମ୍

## ଉପଭୋକ୍ତା ସଂଘର ଆନ୍ଦୋଳନ ଧମକ

**ବାରବାଟୀ, ୨୮ ।୩(ସମିସ)**

ମାର୍ଚ୍ଚ ମାସରେ ବକେୟା ବିଦ୍ୟୁତ୍ ବିଲ୍ ଆଦାୟକରୁଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀ ସାଧାରଣ ଗ୍ରାହକଙ୍କ ଉପରେ ଜୁଲମ କରୁଥିବା ଅଭିଯୋଗ ହୋଇଛି । କୁଆଖିଆ ସେକ୍‌ସନରେ ଏଭଳି ଜୁଲମ ଅଧିକ ହେଉଛି । ଅଭିଯୋଗ ଅନୁଯାୟୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବକେୟା ଥିବା ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ବିଲ୍ ଏକକାଳୀନ ଦେବାକୁ ବାଧ କରୁଛନ୍ତି । କେହି ଅସମର୍ଥ ବୋଲି କହିଲେ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରୁଛନ୍ତି ଓ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଛନ୍ତି । କନିଷ୍ଠ ଯନ୍ତ୍ରୀଙ୍କ ଦୌରାମ୍ୟରେ ବିଦ୍ୟୁତ ଗ୍ରାହକ ଅତିଷ୍ଠ ହୋଇପଡ଼ିଲେଣି । ବରିଷ୍ଠ ନାଗରିକ, ମହିଳା କିମ୍ବା ମାନ୍ୟଗଣ୍ୟ ବ୍ୟକ୍ତି କେହି ବିଦ୍ୟୁତ ବିଭାଗର ଦୁର୍ବ୍ୟବହାରରୁ ବାଦ୍ ପଡୁନାହାନ୍ତି । ଘରେ ରୋଗୀ ଥିଲେ ବି ସେ ବକେୟା ଅର୍ଥର ଅଧା ଦେଉଥିଲେ ମଧ ଅମାନବିକ ଭାବେ ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରୁଛନ୍ତି । ଯାହାର ବିଲ୍‌ରେ ଭୁଲ୍ ରହିଛି ତାକୁ ସଂଶୋଧନ କରିବାକୁ ସୁଯୋଗ ନ ଦେଇ ତାଙ୍କଠାରୁ ସମ୍ପୂର୍ଣ୍ଣ ବିଲ୍ ଆଦାୟ ପାଇଁ ବାଧ କରୁଛନ୍ତି । ବିଦ୍ୟୁତ୍ ଗ୍ରାହକଙ୍କ ଅଭିଯୋଗ ଆଧାରରେ କୁଆଖିଆ ବିଦ୍ୟୁତ ଖଣ୍ଡ ଉପଭୋକ୍ତା କମିଟିର ଏକ ଜରୁରି ବୈଠକ ସଭାପତି ପ୍ରହ୍ଲାଦ ପଣ୍ଡାଙ୍କ ସଭାପତିତ୍ୱରେ କୁଆଖିଆରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଅମୂଲ୍ୟ କୁମାର ବରାଳ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଏଭଳି ସମ୍ବେଦନ ହୀନ କାର୍ଯ୍ୟକୁ ଦୃଢ଼ ନିନ୍ଦା କରାଯିବା ସହିତ ଏହାର ପ୍ରତିବାଦ କରାଯାଇଥିଲା । ବିଷଦ ଆଲୋଚନା କରାଯାଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ ଅନୁସନ୍ଧାନ ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀ ଓ ମାନବାଧିକାର ଆୟୋଗଙ୍କ ନିକଟକୁ ପତ୍ର ଲେଖି ପ୍ରତିବାଦ କରାଯିବାକୁ ସ୍ଥିର କରାଗଲା । ଯଦି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀଙ୍କ ଗ୍ରାହକଙ୍କ ପ୍ରତି ଏତାଦୃଶ ବ୍ୟବହାର ଜାରି ରହେ, ତେବେ ଆଇନଗତ ପଦକ୍ଷେପ ନେବା ସହିତ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଉପଭୋକ୍ତା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଏକ ଦାବିପତ୍ର କୁଆଖିଆ ବିଦ୍ୟୁତ ଖଣ୍ଡ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାସଙ୍କୁ ପ୍ରଦାନ କରାଯାଇଛି । ସହକାରୀ ନିର୍ବାହୀ ଯନ୍ତ୍ରୀ ସୀତାଂଶୁ ଶତପଥୀ ମଧ ଉପସ୍ଥିତ ଥିଲେ । ଏ ବିଷୟରେ ଅନୁସନ୍ଧାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ଉପସଭାପତି ଶିଶିର କୁମାର ମହାନ୍ତି, ବଟକୃଷ୍ଣ ସାହୁ, ଅଭୟ ଦାସ, ସୁଧୀର ନାୟକ, ରମେଶ ଚନ୍ଦ୍ର ପତି, ଦେବେନ୍ଦ୍ର ପାଢ଼ୀ, ବାବୁଲି ସାହୁ, ଅଭୟ ତ୍ରିପାଠୀ, କାର୍ତ୍ତିକ ପଣ୍ଡା, ପ୍ରମୋଦ ପଣ୍ଡା, ବିଜୟ ଦାସ, ନାରାୟଣ ମଲିକ, କୈଳାସ ଚନ୍ଦ୍ର ମଲିକ, ଶୁଭେନ୍ଦୁ ସାମଲ, ଗୋବିନ୍ଦ ଦାସ, ବେଣୁଧର ଦାସ, ପଞ୍ଚାନନ ରାଉତ, ଆନନ୍ଦ ଚନ୍ଦ୍ର ସାହୁ ଓ କାଳନ୍ଦୀ କଣ୍ଠ ପ୍ରମୁଖ ସାମିଲ ହୋଇଥିଲେ ।



## କରିମାବାଦରେ ଗୋପବନ୍ଧୁ ପୂଜା

**ମଇନ୍ଦା, ୨୮ ।୩(ସମିସ):** ସାନସୁଆର ପଞ୍ଚାୟତ ଅନ୍ତର୍ଗତ କରିମାବାଦ ଗ୍ରାମରେ ଗୋପବନ୍ଧୁ ପୂଜା ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ରାଧା ଓ କୃଷ୍ଣଙ୍କ ଦର୍ଶନ କରିବା ସହିତ ସାନିଧ ଲାଭ କରୁଛନ୍ତି । ପ୍ରତିଦିନ ଭଜନ କୀର୍ତ୍ତନ ହେବା ସହିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଷ୍ଣୁଚରଣ ବାରିକ, ତ୍ରିଲୋଚନ ବେହେରା, ଶରତ ଚନ୍ଦ୍ର ବାରିକ, କାମଦେବ ବାରିକ, ସୋନୁ ବେହେରା, ପଦ୍ମନାଭ ବାରିକ, ବ୍ରହ୍ମାନନ୍ଦ ବାରିକ, ସୌଭାଗ୍ୟ ବେହେରା, ଅନୁରୋଧ ବାରିକ, ପ୍ରମୋଦ ବାରିକ, ସୌମ୍ୟରଞ୍ଜନ ବାରିକ, ରାଜେଶ ବେହେରା, ବିରେନ୍ଦ୍ର ବାରିକ, ଶର୍ମିଷ୍ଠା ବାରିକ, ଜିଜ୍ଞାସା ବାରିକ, ରଙ୍ଗଲତା ବେହେରା, ମଧୁସ୍ମିତା ବାରିକ, ଋତୁପର୍ଣ୍ଣା ବାରିକଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।



### ମୋରମ ଲୁଟ୍‌ରେ ଲାଗୁନି ବ୍ରେକ୍

## ମନଇଚ୍ଛା ଲୁଟି ଚାଲିଛନ୍ତି ମାଫିଆ

**ଯଖପୁରା, ୨୮ ।୩(ସମିସ):** ମୋରମ, ବାଲି ଚୋରିକୁ ରୋକିବା ପାଇଁ ତହସିଲ୍ ଅଧୀନରୁ ଲଘୁ ଖଣିଜ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ବାଲି, ମୋରମ ଲୁଟ୍‌କୁ ରୋକିବା ଏବେ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି । ପ୍ରତିଦିନ ବାଲି, ମୋରମ ଲୁଟ୍ ଦାନଗଦି ତହସିଲ ଅଞ୍ଚଳରେ ନୀତିଦିନିଆ ଘଟଣା ହୋଇଯାଇଛି । ଯେଉଁଠି ଦେଖିବେ ବାଲି ଅବା ମୋରମ ଲୁଟ୍ ହେଉଥିବା ଦେଖିବାକୁ ମିଳୁଛି । କଳିଙ୍ଗନଗର ଶିଳ୍ପାଞ୍ଚଳରେ ମୋରମ ଲୁଟେରାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସେମିତି ଘଟଣା ଦେଖିବାକୁ ମିଳିଛି ଦାନଗଦି ତହସିଲ ଅଧୀନସ୍ଥ ମନୋହରପୁର ଗ୍ରାମରେ । ମନୋହରପୁର ଗ୍ରାମର ପାର୍ଶ୍ୱରୁ ମୋରମ ଲୁଟ୍ ହେବା ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରଶାସନ ଆଖିରେ ଧୂଳି ଦେଇ ମୋରମ ଲୁଟ ହୋଇଛି । ଟ୍ରିପ୍ ଟ୍ରିପ୍ ମୋରମ ଲୁଟ ହେବା ଦେଖିବାକୁ ମିଳିଛି । ମୋରମ ଲୁଟ୍ ହେବା ଖବର କାହାରି ପାଖରେ ନାହିଁ । ନା ସ୍ଥାନୀୟ ଯଖପୁରା ଥାନା ଅଧିକାରୀ ନିକଟରେ ଅଛି ନା ଲଘୁ ଖଣିଜ ବିଭାଗ ନିକଟରେ ଅଛି । ଯେବେଠୁ ବାଲି ଓ ମୋରମ ଉଠାଣର ଦାୟିତ୍ୱ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର ହେଲା, ସେବେଠାରୁ ମୋରମ ଲୁଟେରାଙ୍କ ପ୍ରଭାବ ବଢ଼ିବାରେ ଲାଗିଛି । କାରଣ ଖୋଜିଲେ ଜଣାପଡ଼େ କି ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ସଂଖ୍ୟା ବହୁତ୍ କମ୍ । ଏଥିସହ ଲଘୁ ଖଣିଜ ବିଭାଗ ଅଫିସ ଯାଜପୁର ଟାଉନରେ ଅବସ୍ଥିତ । ଫଳରେ ସ୍ଥାନୀୟ ଅଞ୍ଚଳରେ ଘଟୁଥିବା ଘଟଣା ଅଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଘଟଣା ସମ୍ପର୍କରେ ଜାଣିଲା ବେଳକୁ ମୋରମ ଲୁଟେରା ଛୁ ମାରୁଛନ୍ତି । ଦାନଗଦି ତହସିଲ୍ ଅଞ୍ଚଳରେ ଏବେ ମୋରମ ଲୁଟେରା ଏକ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି । ପ୍ରଶାସନକୁ ଚକମା ଦେବା ପାଇଁ ଯୋଜନା କରୁଛନ୍ତି । ମୋରମ ଲୁଟ ହେଉଥିବା ଖବର ଯଦି ବାହାରକୁ ଆସିଲା ତେବେ ସେମାନେ କିଛି ଦିନ ପାଇଁ ମୋରମ ଲୁଟ୍‌କୁ ବନ୍ଦ ରଖୁଛନ୍ତି । ପୁଣି କିଛି ଦିନ ବ୍ୟବଧାନ ପରେ ଯେମିତି ପ୍ରଘଟ ହୋଇଥିବା ଖବର ଶାନ୍ତ ପଡୁଛି ପୁଣି ମୋରମ ଲୁଟ କରୁଛନ୍ତି । ଯେମିତିକି ସେମାନଙ୍କୁ ଲୁଟ କରିବା ପାଇଁ ସୁବିଧା ହେବ । ଯେମିତି କାହାକୁ ଜଣା ନ ପଡ଼ିବ ସେଥିପାଇଁ ରାତିଅଧିଆ ମୋରମ ଉଠୁଥିବା ଖବର ସାଧାରଣ ଲୋକଙ୍କ ପାଖରେ ପହଞ୍ଚିଛି । ଅଥଚ ସ୍ଥାନୀୟ ଜଖପୁରା ଥାନା ଅଧିକାରୀଙ୍କୁ କିପରି ଜଣାପଡୁନାହିଁ ତାହା ଏବେ ପ୍ରଶ୍ନ ସୃଷ୍ଟି କରୁଛି । ବାଲି, ମୋରମ ଲୁଟ୍‌କୁ ରୋକିବା ପାଇଁ କେବଳ ଯେ ଲଘୁ ଖଣିଜ ବିଭାଗର ଦାୟିତ୍ୱ ତାହା ନୁହେଁ, ଏହାକୁ ରୋକିବା ମଧ ସ୍ଥାନୀୟ ପୁଲିସ ଓ ତହସିଲଦାରଙ୍କ ଦାୟିତ୍ୱ । ତାହା ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳୁନାହିଁ । ସମସ୍ତଙ୍କ ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହେଉଛି । ଏହାର ଫାଇଦା ଏବେ ଲୁଟେରାଙ୍କୁ ସୁହାଉଛି । ଗୋଳିଆ ପାଣିରୁ ଫାଇଦା ନେଉଛନ୍ତି । ଦେଖାଯାଉ ଆଗକୁ ମୋରମ ଲୁଟ୍ ବନ୍ଦ କରିବା ପାଇଁ ପ୍ରଶାସନ କି ପଦକ୍ଷେପ ନେଉଛି ।



## ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା

**ବିଞ୍ଝାରପୁର, ୨୮ ।୩(ସମିସ):** ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ସମଲପୁରଠାରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ସ୍ଥାପନ ସହିତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ଦୋଳପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଛି । ଏ ଅବସରରେ ତିନିଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ଅଧ୍ୟାତ୍ମିକ ସଭା ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସଙ୍ଗୀତ ଗୁରୁ ତଥା ଭଜନ ସମ୍ରାଟ ଭିକାରୀ ବଳଙ୍କ ଶିଷ୍ୟ ମାଧବାନନ୍ଦ ଦାସ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସାମ୍ବାଦିକ ତଥା ଯୁବନେତା ସ୍ୱାଧୀନ ଦାଶ ଯୋଗଦେଇଥିଲେ । ମଣ୍ଡଳ ଯାଦବ ମହାସଭା ସଭାପତି ନାରାୟଣ ଚନ୍ଦ୍ର ଦାସଙ୍କୁ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଭୁବନେଶ୍ୱରର ଭକ୍ତିତୀର୍ଥ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ସୌମ୍ୟାଶ୍ରୀ ମହାରଣ୍ୟ, ସନ୍ଧ୍ୟାରାଣୀ ଶତପଥୀ, କୁମାର ଜଗଦୀଶ, ସୁଶ୍ରୀ ତନୁଶ୍ରୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଗିରିଧାରୀ ଦାସ ଓ ତାଙ୍କର ସହଯୋଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ନିଶା ନିବାରଣ ସଚେତନତା ଅଭିଯାନ




**ଶଙ୍ଖଚିଲା, ୨୮ ।୩(ସମିସ):** ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା ନିଶା ମୁକ୍ତ ସମାଜ । ଏହାକୁ ପାଥେୟ କରି କୋରେଇ ବ୍ଲକ ଖମଣ ପଞ୍ଚାୟତ ବଢେଇଟିକର ଗ୍ରାମରେ ନିଶା ନିବାରଣ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ହୋଲି ପର୍ବରେ ବଢେଇଟିକର ଯୁବକ ସଂଘ ଓ ମିଶନ ଶକ୍ତି ମହିଳାଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା ଅଭିଯାନରେ ଗ୍ରାମର ଶତାଧିକ ମହିଳା ଓ ଯୁବକ, ବୟସ୍କ ଏକତ୍ରିତ ହେଇ ଗ୍ରାମର ହନୁମାନ ମନ୍ଦିରରୁ ବାହାରି ସମସ୍ତ ସାହି ପରିକ୍ରମା କରିବା ସହିତ ପ୍ରତ୍ୟେକ ଲୋକଙ୍କୁ ନିଶାଠାରୁ ଦୂରେଇ ରହି ସୁସ୍ଥ ଜୀବନ ବିତାଇବାକୁ ସଚେତନତା ବାର୍ତ୍ତା ଦେଇଥିଲେ । ନିଶା କିଭଳି ନିଜକୁ ଓ ନିଜ ପରିବାରକୁ ଧ୍ୱଂସ ଆଡକୁ ନେଇଯାଏ, ତାହା ସମସ୍ତଙ୍କୁ ବୁଝାଇଥିଲେ । ନିଜ ଗ୍ରାମକୁ ନିଶା ମୁକ୍ତ ଗ୍ରାମ ଭାବେ ଗଢି ତୋଳିବାକୁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ । ଏହି ଶୋଭାଯାତ୍ରାରେ ପ୍ରଦୀପ୍ତ କୁମାର ସାହୁ, ନୀଳମଣି ପୃଷ୍ଟି, ବିଶ୍ୱଜିତ ସାହୁ, ଦେବୀପ୍ରସନ୍ନ ପରମାଣିକ, ରଜତ ପରମାଣିକ, ଦିଲ୍ଲୀପ ପରମାଣିକ, ବିଶ୍ୱରଞ୍ଜନ ସାହୁ, ସଂଗ୍ରାମ ଦାସ, ବାଦଲ କୁମାର ସାହୁ, ଶୁଭମ ସାହୁ, ଶୁଭ୍ରକାନ୍ତ ଦାସ, କାଶ୍ୟପ ଚନ୍ଦ୍ର ମହାରଣା, ପବିତ୍ର ସାହୁ, ଶିଶିର ସାହୁ, ଗୌରହରି ସାହୁ, ଗ୍ରାମ ଆଞ୍ଚଳିକ ମଞ୍ଚର ସଭାନେତ୍ରୀ କବିତା ସାହୁ, ସମ୍ପାଦିକା ମଞ୍ଜୁଲତା ପରମାଣିକ, ଶୈଳବାଳା ସାହୁ, ସାବତ୍ରୀ ସାହୁ, ଗେଲ୍ଲୀ ମହାରଣା, ପୁଷ୍ପଲତା ମହଲା, ଭାନୁମତି ମହଲା, ସରସ୍ୱତୀ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଯୋଗ ଦେଇଥିଲେ ।

## ସାଇ ସ୍ରିଷ୍ଟି ଆବାସିକ ବିଦ୍ୟାଳୟରେ ହୋଲି




**ବଡ଼ଚଣା, ୨୮ ।୩ (ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ବଡ଼ଚଣାସ୍ଥ ସାଇ ସ୍ରିଷ୍ଟି ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ହୋଲି ଉତ୍ସବ ଆନନ୍ଦ ଉତ୍ସାହ ସହ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଆଲୋକ ନାରାୟଣ ନାୟକ ଯୋଗଦେଇ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତି ତଥା ଆଧୁନିକତାର ଚାକଚକ୍ୟରେ ଆମ ସମାଜରୁ ହଜିଯାଉଥିବା ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି, ପରମ୍ପରାକୁ ଆଜିର ଯୁବପିଢ଼ି ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ପାରମ୍ପରିକ କୀର୍ତ୍ତନ ଭଜନ ସଙ୍ଗୀତର ତାଳେତାଳେ ନୃତ୍ୟ କରିବା ସହିତ ପରସ୍ପରକୁ ଅବିର ବୋଳି, ମିଠା ଖୁଆଇ ହୋଲି ପାଳନ କରିଥିଲେ । ଅଧ୍ୟାପକ କାଶୀନାଥ ବେହେରା, ରାଜେଶ କୁମାର ମିଶ୍ର, ସାମ୍ବାଦିକ ସମରେନ୍ଦ୍ର ମାହାଲା ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ପ୍ରଫୁଲ୍ଲ କୁମାର ମଲ୍ଲିକ୍

ଆବିର୍ଭାବ: ୨୩.୦୭.୧୯୬୪
ତିରୋଧାନ: ୧୫.୦୩.୨୦୨୪

ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ । ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ :
ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ ।

# ହୋଲିରେ ଗଣ୍ଡଗୋଳ, ୩ କୋର୍ଟ ଚାଲାଣ

**ପାଣିକୋଇଲି, ୨୮ ।୩(ସମିସ):** ହୋଲିରେ ରଙ୍ଗ ଖେଳକୁ ନେଇ ପରସ୍ପର ମଧ୍ୟରେ ଗଣ୍ଡଗୋଳ ଘଟିବା ପରେ ଉଭୟ ପକ୍ଷଙ୍କ ଅଭିଯୋଗ ଅନୁସାରେ ପାଣିକୋଇଲି ପୁଲିସ ଦ୍ୱାରା ତିନି ଜଣ ଗିରଫ ହେବା ପରେ ଅଦାଲତ ଚାଲାଣ ହୋଇଛନ୍ତି। ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ବଣିଆଗାଡ଼ିଆ (ଖଜିରପୁର) ଗ୍ରାମର ସମ୍ବର ମଲିକଙ୍କ ପୁଅ ରମେଶ ଓ ସୁରେନ୍ଦ୍ରଙ୍କ ସହିତ ସେହି ଗ୍ରାମର କୁନା ମଲିକଙ୍କ ପୁଅ ଦୀପକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୀପକଙ୍କ ଅଭିଯୋଗ ଅନୁସାରେ ତାଙ୍କ ସାଙ୍ଗ ହାଟସାହି ଗ୍ରାମର ଅଚ୍ୟୁତାନନ୍ଦ ମଲିକ ଓ ରାଜା ମଲିକ ଉକ୍ତ ଗ୍ରାମକୁ ହୋଲି ଖେଳିବାକୁ ଆସିଥିବାବେଳେ ଖଜିରାପୁର ଗ୍ରାମର ଅଲେଖ ମଲିକଙ୍କ ପୁଅ ପବିତ୍ର ଅଚ୍ୟୁତଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମାଡ଼ମାରିଥିଲେ ଓ ତାଙ୍କ ନିକଟରେ ଥିବା ୫ ହଜାର ଟଙ୍କାକୁ ଛଡ଼ାଇ ନେଇଥିଲେ। ତେବେ ନିଶାଶକ୍ତ ଅବସ୍ଥାରେ ଥିବା ରାଜା ମଲିକ ଉକ୍ତ ଗ୍ରାମର ପବିତ୍ର ମଲିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ପବିତ୍ରଙ୍କ ମାମୁଁ ରାଜାକୁ ଅଟକାଇବା ସହିତ ଚାପୁଡ଼ା ମାରିଥିଲେ। ଏହାକୁ ନେଇ ଦୀପକଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ମଲିକ, ସୁରେଶ ମଲିକ, କିଶୋର ମଲିକ ଓ ପବିତ୍ର ମଲିକ ସଂଘବଦ୍ଧ ହୋଇ ସୁରେଶଙ୍କୁ ଠେଙ୍ଗାରେ ମୁଣ୍ଡକୁ ପ୍ରହାର କଲେ। ତେବେ ଗଣ୍ଡଗୋଳ ଦେଖି ସୁରେଶଙ୍କ ଭାଇ ରମେଶ ଭାଇକୁ ବଞ୍ଚାଇବାକୁ ଚାଲି ଆସିବାରୁ ସେମାନେ ରମେଶଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅପରପକ୍ଷେ ରମେଶଙ୍କ ପତ୍ନୀ ଧାରାଙ୍କ ଅଭିଯୋଗ ଅନୁସାରେ ଦୀପକ ଓ ତାଙ୍କ ସାଥି, ତାଙ୍କ ସ୍ୱାମୀ ରମେଶ ଓ ଦିଅର ସୁରେଶଙ୍କୁ ଠେଙ୍ଗାରେ ମାଡ଼ମାରି ମୁଣ୍ଡ ଫଟାଇଦେବା ସହିତ ତାଙ୍କୁ ମଧ୍ୟ ଟଣା ଘୋଷରା କରିଥିଲେ। ପୁଲିସ ଉକ୍ତ ଅଭିଯୋଗ ଦୁଇଟିକୁ ଗ୍ରହଣ କରି ଦୁଇଟି ମାମଲା ରୁଜୁ କରିବା ସହିତ ଉକ୍ତ ଘଟଣାରେ ଜଡ଼ିତ ଦୀପକ, ରମେଶ ଓ ସୁରେଶଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି।

# ବିଇଓ ଓ ବିଆର୍‌ସିସିଙ୍କୁ ଘେରିଲେ ସିଆର୍‌ସିସି



**ଦାନଗଦି, ୨୮ ।୩(ସମିସ):** ବିଭିନ୍ନ ସମସ୍ୟା ନେଇ ଆଜି ଦାନଗଦି ବ୍ଲକ ବିଇଓ ଓ ବିଆରସିସିଙ୍କୁ ଘେରିଛନ୍ତି ସିଆରସିସି। ସେମାନଙ୍କ କହିବା କଥା, ବିଇଓଙ୍କ ମନମାନିରେ ଚାଲିଛି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟରେ କେଉଁ କର୍ମଚାରୀ କେଉଁ କାମ କରିବା କଥା, ତାହାର କିଛି ଠିକ୍ ନାହିଁ। ନିଜ ମନଇଚ୍ଛାରେ ଅଫିସ କାମ କରୁଛନ୍ତି। ସିଆରସିସିଙ୍କ ଅଭିଯୋଗ ଯେ ଗତବର୍ଷ ମାର୍ଚ୍ଚ ୨୭ ତାରିଖରେ ପ୍ରାରମ୍ଭ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଏକବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ ଶିବିର ଖର୍ଚ୍ଚ ମିଳିଲା ନାହିଁ। ଦାୟିତ୍ୱରେ ଥିବା ଭେନ୍ୟୁ ଇନଚାର୍ଜ ୟୁସି ସାର୍ଟିଫିକେଟ୍ ଜମା କରିଛନ୍ତି। ହେଲେ ଖର୍ଚ୍ଚ ଟଙ୍କା ଏପର୍ଯ୍ୟନ୍ତ ମିଳୁନାହିଁ। ବିଆରସିସିଙ୍କ କଥାରେ ଚାଲିଛନ୍ତି ବ୍ଲକ ଶିକ୍ଷାଧିକାରୀ। ଯାହାକୁ ନେଇ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଜି ସିଆରସିସି ମିଳିତ ହୋଇ ବିଇଓ ଓ ବିଆରସିସିଙ୍କୁ ଘେରି ଏହାର ସମାଧାନ ପାଇଁ ଦାବି କରିଛନ୍ତି।

# ଅଖିଳଚକ୍ର ସୁବର୍ଣ୍ଣ ଜୟନ୍ତୀରେ ପୂଜ୍ୟପୂଜା

**ବିଂଝାରପୁର, ୨୮ ।୩(ସମିସ):** ଅଖିଳଚକ୍ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ପୂଜ୍ୟପୂଜା ଦିବସ ପାଳନ କରାଯାଇଛି। ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଥିବା ବରପୁତ୍ର କୁଳବୃଦ୍ଧ ମଧୁସୂଦନ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ବୋଷ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନ ପକ୍ଷରୁ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏ ଅବସରରେ ଦିବ୍ୟ ଜୀବନ ଓ ସମାଜ ଗଠନ ନିମନ୍ତେ ବରପୁତ୍ରଙ୍କ ପ୍ରେରଣା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ଉପସଭାପତି ପୀତାମ୍ବର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ଅହିଂସା ସତ୍ୟାଗ୍ରହ ଏବେ ବି ସମାଜର ପରିବର୍ତ୍ତନ ନିମନ୍ତେ ଆବଶ୍ୟକ ବୋଲି କହିଥିଲେ। ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ମଧୁସୂଦନ ଦାସଙ୍କ ଆଦର୍ଶ ଓ ସ୍ୱାଭିମାନୀ ଚେତନା ସମଗ୍ର ଓଡିଆ ଜାତି ପାଇଁ ଅନୁସରଣୀୟ ବୋଲି କହିଥିଲେ। ତାଙ୍କର ଜୟନ୍ତୀ ଦିବସଠାରୁ ଏକମାସ ଧରି ଅଖିଳଚକ୍ର ପକ୍ଷରୁ ସ୍ୱାଭିମାନ ଦିବସ ପାଳନ କରାଯିବ ବୋଲି ଘୋଷଣା କରିଥିଲେ। ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ବାସ୍ତବରେ ସେ ଥିଲେ ଓଡିଆ ଜାତିର ଜନକ। ମଧୁବାବୁ ଓ ଗୋପବନ୍ଧୁ ସ୍ୱତନ୍ତ୍ର ପ୍ରଦେଶ ଆନ୍ଦୋଳନର କର୍ଣ୍ଣଧାର ସାଜି ନ ଥିଲେ ଆଜି ଓଡିଆ ଭାଷା ନ ଥାଆନ୍ତା ବୋଲି କହିଥିଲେ। କବି ଜୀତେନ୍ଦ୍ର କୁମାର ବେହେରା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟକୃତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୁଭାଷ ବୋଷଙ୍କ ଦେଶପ୍ରୀତି ଆଜିର ସମାଜରେ ବିରଳ ବୋଲି କହିବା ସହିତ ଅଖିଳଚକ୍ରର ସୁବର୍ଣ୍ଣଜୟନ୍ତୀ ଅବସରରେ ବିଭିନ୍ନ ପୀଠ ଓ ଅନୁଷ୍ଠାନରେ ପୂଜ୍ୟପୂଜା କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ।



## ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଲୁଟ୍ ଉଦ୍ୟମ ଘଟଣା

# ଡକାୟତ ଗ୍ୟାଙ୍ଗର ୫ ଗିରଫ; ଦୁଇଟି ବାଇକ୍, କମ୍ପ୍ୟୁଟର ଜବତ

**ଦଶରଥପୁର/ମଙ୍ଗଳପୁର/ କୟାଁଗୋଲା, ୨୮ ।୩(ସମିସ)**

ଦଶରଥପୁର ବ୍ଲକ ବଉଳାଙ୍ଗସ୍ଥ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ଲୁଟ୍ ଉଦ୍ୟମ ମାମଲାରେ ମଙ୍ଗଳପୁର ପୁଲିସକୁ ବଡ଼ ସଫଳତା ମିଳିଛି। ଆନ୍ତଃରାଜ୍ୟ ଡକାୟତିରେ ସମ୍ପୃକ୍ତ ୫ ଜଣଙ୍କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ବାଇକ, କମ୍ପ୍ୟୁଟର, ସିପିଓ, ସିସି କ୍ୟାମେରା, ପ୍ରିଣ୍ଟର ଜବତ କରିଛି। ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଡକାୟତକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି।

ଆଜି ଅପରାହ୍ନରେ ମଙ୍ଗଳପୁର ପୁଲିସ ପକ୍ଷରୁ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସତ୍ୟବ୍ରତ ଲେଙ୍କା ବୋଉଳାଙ୍ଗ ବ୍ୟାଙ୍କ ଡକାୟତି ଉଦ୍ୟମ ଓ ଅଭିଯୁକ୍ତଙ୍କ ଗିରଫ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଶ୍ରୀ ଲେଙ୍କାଙ୍କ ସୂଚନା ମୁତାବକ, ଗତ ୨୫ ତାରିଖ ଦିନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଉପରୋକ୍ତ ଡକାୟତ ୬ଟି ତାଲା ଭାଙ୍ଗି ଷ୍ଟ୍ରଙ୍ଗ ରୁମରେ ପଶିଥିଲେ। ମାତ୍ର ଟ୍ରେଜେରୀ ଭାଙ୍ଗି ପାରି ନ ଥିଲେ। ତେବେ ୨୬/୨୭ ତାରିଖ ଛୁଟି ଥିବାରୁ ଡକାୟତ ପରଦିନ ଟ୍ରେଜେରୀ ଭାଙ୍ଗିବା ଯୋଜନା କରି ଚାଲିଯାଇଥିଲେ। ଯାଜପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଲିସ ପଇଁତରା ଓ ଯାନବାହନ ଅଟକ ରଖି ଛାନବିନ କରାଯାଇଥିଲା। ଏହି ଡକାୟତ ଦଳ ପୁଲିସ ହାବୁଡ଼ରେ ପଡ଼ି ସନ୍ଦେହ ଘେରକୁ ଆସିଥିଲେ। ସେମାନଙ୍କୁ ଅଟକ ରଖି ପଚରାଉଚରା ବେଳେ ସେମାନଙ୍କ ମଧ୍ୟରୁ ସତେଶ୍ୱର ବେହେରା ନାମକ ଅଭିଯୁକ୍ତ ଉଦ୍ୟମ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ମାହାଙ୍ଗା ଥାନାର ମିଥୁନ ସାହୁ, ସମୀର କୁମାର ଦାସ, ଧନଞ୍ଜୟ ସିଂହ, ପାଣିକୋଇଲି ଥାନା ଅନ୍ତର୍ଗତ ଅମିନ ମୁଣ୍ଡା ପ୍ରମୁଖଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଏସଡିପିଓ ପ୍ରକାଶ କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ଫେରାର ଅନ୍ୟ ଜଣକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।




# ଚୋରାମଦ ବ୍ୟବସାୟୀଙ୍କ ଆକ୍ରମଣରେ ଦାଦାପୁତୁରା ଆହତ

**ବାଲିଚନ୍ଦ୍ରପୁର, ୨୮ ।୩(ସମିସ):** ଦୁଇ ଚୋରା ମଦ ବ୍ୟବସାୟୀଙ୍କ ଆକ୍ରମଣରେ ଦାଦାପୁତୁରା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଆହତ ଦାଦାପୁତୁରା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟୁଣିଆ ଗ୍ରାମର ନିର୍ମଳ ରାଉତ (୬୧) ଓ ତାଙ୍କ ପୁତୁରା ଦେବାଶିଷ ରାଉତ (୩୪) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ପଟୁଣିଆ ଗ୍ରାମର ଦୁଇଭାଇ ଜୀବନଜ୍ୟୋତି ରାଉତ ଓ ସ୍ୱାଧୀନ କେତନ ରାଉତ ପଟୁଣିଆ ଛକରେ ଏକ ଚିକେନ ପକୋଡା ଦୋକାନ କରିବା ସହିତ ଏଠାରେ ଚୋରା ମଦ କାରବାର କରିଆସୁଛନ୍ତି। ହୋଲି ଦିନ ଏହି ଦୁଇଭାଇ ଜଣେ ବ୍ୟକ୍ତିଙ୍କ ସହିତ ଝଗଡ଼ା ଲାଗିଥିଲା। ପରେ ଦୁଇ ଭାଇ ସେହି ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ସେହି ବାଟ ଦେଇ ଯାଉଥିବା ଦେବାଶିଷ କାହିଁକି ତାଙ୍କୁ ମାଡ଼ ମାରୁଛ ବୋଲି କହି ରୋକିବାରୁ ଦୁଇ ଭାଇ ଦେବାଶିଷଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଏହି ସମୟରେ ଦେବାଶିଷଙ୍କ ଦାଦା ନିର୍ମଳ ଆସି ସେଠାରେ ପହଞ୍ଚି ପୁତୁରାଙ୍କୁ ରକ୍ଷା କରିବାକୁ ଯାଇ ସେମାନଙ୍କ ଆକ୍ରୋଶର ଶିକାର ହେବା ସହିତ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏହି ଆକ୍ରମଣରେ ନିର୍ମଳଙ୍କ ମୁଣ୍ଡ ଫାଟିଥିଲା। ତେବେ ଏନେଇ ଦେବାଶିଷ ଗତ ୨୬ ତାରିଖ ଦିନ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା କେଶ ନମ୍ବର ୧୪୬/୨୪ରେ ମାମଲା ରୁଜୁ କରାଯାଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଅପରପକ୍ଷରେ ଜୀବନ ଜ୍ୟୋତି ଓ ସ୍ୱାଧୀନଙ୍କ ପରିବାର ପକ୍ଷରୁ ଗତ ୨୭ ତାରିଖ ଦିନ ଥାନାରେ ଏକ ପାଲଟା ଅଭିଯୋଗ ହୋଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଖୁବଶୀଘ୍ର ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

■ ନକଲି ଆୟୁର୍ବେଦ ଡାକ୍ତର ମାମଲା

# ତଦନ୍ତ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ

**ଧର୍ମଶାଳା, ୨୮ ।୩(ସମିସ):** ଯାଜପୁର ଜିଲ୍ଲାରେ ଅମରେନ୍ଦ୍ର ନାଥ ନାମକ ବ୍ୟକ୍ତି ନିଜକୁ ଆୟୁର୍ବେଦ ଡାକ୍ତରର ପରିଚୟ ଦେଇ ବିନା ପଞ୍ଜିକରଣରେ ଜାରକା ଓ ସିଂହପୁର ଅଞ୍ଚଳରେ କ୍ଲିନିକ ଖୋଲି ହଜାର ହଜାର ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଥିବା ଘଟଣାରେ ରାଜ୍ୟ ମାନବ ଅଧିକାର କମିଶନ ହସ୍ତକ୍ଷେପ କରି ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅମରେନ୍ଦ୍ର ନାଥ ନାମକ ନକଲି ଆୟୁର୍ବେଦ ଡାକ୍ତରଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ ଓଏଚଆରସି କେଶ ନମ୍ବର ୬୩୦/୨୦୨୪ରେ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ କେଶ ଦାଏର କରିଥିଲେ।

ଆଜି ଏହି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ମାନବ ଅଧିକାର କମିଶନ ବିଚାର କରି ସମ୍ପୃକ୍ତ ନକଲି ଆୟୁର୍ବେଦ ଡାକ୍ତର ଅମରେନ୍ଦ୍ର ନାଥ ନାମକ ବ୍ୟକ୍ତି ବାବଦରେ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀ ଦାସ ପ୍ରେସ ବିବୃତିରେ ଜଣାଇଛନ୍ତି।

# ପ୍ରମିଳା ମଲ୍ଲିକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

**ମଙ୍ଗଳପୁର, ୨୮ ।୩(ସମିସ):** ବିଂଝାରପୁର ନିର୍ବାଚନ ମଣ୍ଡଳୀରୁ ବିଧାୟିକା ପ୍ରାର୍ଥୀ ଭାବେ ପୁଣିଥରେ ପ୍ରମିଳା ମଲ୍ଲିକଙ୍କ ନାମ ଘୋଷଣା ହେବା ପରେ ସାରା ବିଂଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ଏ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳ ସଭାପତି ସରୋଜ ମହାପାତ୍ର, ବିଜେଡିର ବରିଷ୍ଠ ନେତା ପ୍ରଦୀପ କୁମାର ମହାନ୍ତି, କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ନନ୍ଦିପୁର ପାକ୍ସ ସଭାପତି ବିଷ୍ଣୁ ଚରଣ ମହାପାତ୍ର, ଥାଲକୁଡ଼ି ପଞ୍ଚାୟତର ବିଜେଡି ସଭାପତି ବିଜୟ ପାତ୍ର, ନନ୍ଦିପୁର ସରପଞ୍ଚ ସଂଯୁକ୍ତା ମହାନ୍ତି, ବିଂଝାରପୁର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ପ୍ରଭାତ ଚନ୍ଦ୍ର ଦାଶ, ଛାତ୍ର ବିଜେଡି ସଭାପତି ତପନ ରାଉତ, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, ବିରୁହାଁ ସରପଞ୍ଚ ସୁବାସ ଦେବତା, ବିରିପଟା ସରପଞ୍ଚ ଗାୟତ୍ରୀ ନାୟକ, ଜାଫରପୁର ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିଆ, ଥାଲକୁଡ଼ି ସରପଞ୍ଚ ଗାୟତ୍ରୀ ସେଠୀ, କୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, କମାରଡ଼ିହି ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଖାନନଗର ଶୁଭଶ୍ରୀ ମଲ୍ଲିକ, ଦତ୍ତପୁର ସରପଞ୍ଚ ଶୁଚିସ୍ମିତା ମହାନ୍ତି, କମାରଡ଼ିହି ସମିତିସଭ୍ୟ ସଜନୀ ଜେନା, ସମାଜସେବୀ ମହେଶ୍ୱର ଜେନା, ଯୁବନେତା ଟୁନା ବିଶ୍ୱାଳ, ପ୍ରିୟବ୍ରତ ବିଶ୍ୱାଳ, ଯାଜପୁର ଜିଲ୍ଲା ବିଜୁ ଯୁବ ଜନତା ଦଳର ଉପସଭାପତି ବିରଜା ମଲ୍ଲିକ, ବରିଷ୍ଠ ନେତା ରମେଶ ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରମିଳା ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଥାର୍ଡ଼ ଇଣ୍ଡିଆନ ରିଜର୍ଭ ବାଟାଲିୟନରେ ସିଆଚେନ କଳାକୃତି ଉନ୍ମୋଚିତ



**ସୁକିନ୍ଦା, ୨୮ ।୩(ସମିସ):** ସୁକିନ୍ଦାସ୍ଥ ଥାର୍ଡ ଇଣ୍ଡିଆ ରିଜର୍ଭ ବାଟାଲିୟନର ପ୍ରବେଶ ପଥରେ ନବନିର୍ମିତ ସିଆଚେନର ଦୃଶ୍ୟ କଳାକୃତି ଦୁର୍ଗପତି ଲୋଚନ ପଶାୟତଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବହୁଚର୍ଚ୍ଚିତ ଭାରତୀୟ ସୀମାବର୍ତ୍ତୀ ଅଞ୍ଚଳ ସିଆଚେନର ଦୃଶ୍ୟକୁ ସର୍ବସାଧାରଣରେ ଜଣାଇବା ଲକ୍ଷ୍ୟରେ ବାଟାଲିୟନର ଯବାନମାନେ ବହୁ ସୁନ୍ଦର ଭାବେ ଏହି କାରୁକାର୍ଯ୍ୟ ନିର୍ମାଣ କରିଥିବା ଦୁର୍ଗପତି ଶ୍ରୀ ପଶାୟତ ପ୍ରକାଶ କରିଛନ୍ତି। କାରଗିଲ୍ ଯୁଦ୍ଧ ବିଜୟ ଦିବସ ଥିବା ପ୍ରତିମୂର୍ତ୍ତି ସର୍ବସାଧାରଣଙ୍କ ଆକର୍ଷଣ ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଦୁର୍ଗପତି ଲୋଚନ ପଶାୟତଙ୍କ ସହ ଉପଦୁର୍ଗପତି ସନ୍ତୋଷ ଦଣ୍ଡସନା, ସହକାରୀ ଦୁର୍ଗପତି ରମେଶ ଚନ୍ଦ୍ର ଖଟୁଆ ଓ ଥାର୍ଡ ଇଣ୍ଡିଆ ରିଜର୍ଭ ବାଟାଲିୟନର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ, ହାବିଲଦାର ଓ କନେଷ୍ଟବଳ ଉପସ୍ଥିତ ଥିଲେ।

# ମା’ ଧାନଗାଈ ପୀଠରେ ଯଜ୍ଞ ଓ କଳସ ଯାତ୍ରା

**ସିଂହପୁର, ୨୮ ।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ମା’ ଧାନଗାଈ ଠାକୁରାଣୀ ପୀଠରେ ସପ୍ତଚଣ୍ଡୀ ପାଠ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ଓ ମହିଳାମାନେ ନିକଟ ଖରସ୍ରୋତା ନଦୀରୁ କଳସରେ ପାଣି ଆଣି ମା’ଙ୍କ ପୀଠରେ ଜଳାଭିଷେକ କରିଥିଲେ। ଏ ଅବସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେଉଛି। ଯଜ୍ଞ କାର୍ଯ୍ୟରେ ମୁଖ୍ୟ ପୁରୋଧା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ପୂଜା କାର୍ଯ୍ୟ ସରୋଜ ପତି ସମ୍ପାଦନ କରିଥିଲେ। ଯଜ୍ଞରେ ଅଶୋକ ବେଉରିଆ ଓ ସଂଯୁକ୍ତା ବେଉରିଆ କର୍ତ୍ତା ଥିଲେ।

# ଟ୍ରେଲର ପଛରେ ପିଟି ହୋଇ ସ୍କୁଟି ଆରୋହୀ ଆହତ

**ପାଣିକୋଇଲି, ୨୮ ।୩(ସମିସ):** ପାଣିକୋଇଲି ବଜାର ଉପରେ ଆଜି ଏକ ଟ୍ରେଲର ପଛରେ ପିଟି ହୋଇ ଜଣେ ସ୍କୁଟି ଚାଳକ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ଯାଜପୁରରୋଡ୍ ଆଡୁ ଏକ ସ୍କୁଟିରେ କୁଆଖିଆ ଥାନା ଅନ୍ତର୍ଗତ ଆଦମପୁର ଗ୍ରାମର ଜଣେ ଯୁବକ ଆସୁଥିବାବେଳେ ବଜାରର ଟ୍ରାଫିକ ଉପରେ ବାଲେଶ୍ୱର ଆଡ଼କୁ ଯାଉଥିବା ଏକ ଟ୍ରେଲର ପଛରେ ପିଟି ହୋଇ ଗୁରୁତର ହୋଇପଡ଼ିଥିଲେ। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ପହଞ୍ଚି ସ୍କୁଟି ଆରୋହୀଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଗାଡ଼ି ଦୁଇଟିକୁ ଜବତ କରିଛି।

# ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ




**ଦାନଗଦି, ୨୮।୩ (ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରାସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ ନୂତନ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଶଶୀକାନ୍ତ ଜେନା ଓ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସୁକିନ୍ଦା ବିଧାୟକ ଇଂ ପ୍ରୀତିରଞ୍ଜନ ଘଡାଇ, ମୁଖ୍ୟବକ୍ତା ଭାବେ ମଧୁସୂଦନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଯଖପୁରା ସରପଞ୍ଚ ଅରୁଣଜ୍ୟୋତି ସାମଲ, କାଙ୍ଗାଳି ଚରଣ ଘଡାଇ ଓ ନୃସିଂହ ଚରଣ ଜେନା ଯୋଗ ଦେଇଥିଲେ। ସମସ୍ତ ଅତିଥି ନୂତନ ଜ୍ଞାନକୌଶଳ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଗେଡ଼ି ଓ ରଶ୍ମିରେଖା ପାତ୍ର ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଉପପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ୍ ପାତ୍ର ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଗେଡ଼ି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗମ୍ଭାରିଆ ଗାଁ ମେଳଣରେ ଗଣ୍ଡଗୋଳ

# ପୁଲିସ ମାଡ଼ରେ ଜଣେ ଗୁରୁତର ଅଭିଯୋଗ

**କୋରେଇ, ୨୮ ।୩(ସମିସ)**

କୋରେଇ ଥାନା ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତର ଗମ୍ଭାରିଆ ଗାଁ ମେଳଣରେ ଗୁରୁବାର ବଡ଼ି ଭୋରୁ ଏକ ଗଣ୍ଡଗୋଳ ଘଟି ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୁଲିସକୁ ଦାୟୀ କରି ଗ୍ରାମବାସୀ ଗାଁ ଠାକୁର ଘରେ ପୁଲିସକୁ ତାଲା ଦେଇଥିବା ଜଣାପଡ଼ିଛି। ତେବେ ଅନ୍ୟ ପୁଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ।

**● ପୁଲିସକୁ ଘରେ ତାଲା ପକାଇଲେ ଗ୍ରାମବାସୀ**

ସୂଚନା ମୁତାବକ, ଗମ୍ଭାରିଆ ଗ୍ରାମରେ ଗତକାଲି ରାତିରେ ମେଳଣ ଚାଲିଥିଲା। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏହି ମେଳଣରେ ଯୋଗ ଦେଇଥିଲେ। ପାଖାପାଖି ଭୋର ୪ଟା ସମୟରେ ଗ୍ରାମର କିଛି ଯୁବକ ଜଣଙ୍କୁ ଚୋର ସନ୍ଦେହରେ କାର୍ଯ୍ୟରତ ପୁଲିସକୁ ହସ୍ତାନ୍ତର କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଜଣେ କନେଷ୍ଟବଳ ଉକ୍ତ ବ୍ୟକ୍ତିକୁ ପ୍ରବଳ ମାଡ ମାରିବା ଦ୍ୱାରା ସେ ବେହୋସ୍ ହୋଇପଡ଼ିଥିଲା। ଉପସ୍ଥିତ ଲୋକେ ଉକ୍ତ ବ୍ୟକ୍ତି ମରିଗଲା ଭାବି ମାଡ ମାରିଥିବା କନେଷ୍ଟବଳଙ୍କୁ ଏକ ଘରେ ପୂରାଇ ଚାବି ପକାଇ ଦେଇଥିଲେ। କିନ୍ତୁ କାର୍ଯ୍ୟରତ ଅନ୍ୟ ପୁଲିସ କର୍ମଚାରୀ ଚାବି ଭାଙ୍ଗି ଉକ୍ତ କନେଷ୍ଟବଳକୁ ଉଦ୍ଧାର କରିଥିଲେ ଓ ଆମ୍ବୁଲାନ୍ସ ଯୋଗେ ବେହୋସ୍ ବ୍ୟକ୍ତିକୁ ମେଡିକାଲ ପଠାଇଥିଲେ। ଏ ନେଇ କୋରେଇ ପୁଲିସ ଓଲଟି ସ୍ଥାନୀୟ ଲୋକଙ୍କ ମୁଣ୍ଡରେ ଅଠା ବୋଳୁଥିବା ଅଭିଯୋଗ ହୋଇଛି। ପୁଲିସର କହିବା କଥା ହେଲା ଗ୍ରାମର କିଛି ଯୁବକ ଉକ୍ତ ବ୍ୟକ୍ତିକୁ ମାଡ଼ ମାରି ବେହୋସ୍ କରି ଦେଇଥିଲେ। ସେଠାରେ କାର୍ଯ୍ୟରତ ପୁଲିସ୍ ଉକ୍ତ ଯୁବକକୁ ନିଜ ହେପାଜତକୁ ନେଇଥିଲା ବୋଲି ସଫେଇ ଦେଇଛି। ତେବେ ବେହୋସ ହୋଇଥିବା ଯୁବକ ଜଣକ କିଏ ଓ ତାଙ୍କ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଇନାହିଁ। ଏପରିକି ଯୁବକ ଜଣକ ଏବେ କେଉଁଠି ଚିକିତ୍ସିତ ହେଉଛନ୍ତି ସେ ସମ୍ପର୍କରେ ମଧ୍ୟ ପୁଲିସ ପକ୍ଷରୁ କିଛି କୁହାଯାଇନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ମିଳିପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଏକ୍ସେଲସିଅର +୨ ବିଜ୍ଞାନ କଲେଜରେ ହୋଲି ଉତ୍ସବ

**ଶଙ୍ଖଚିଲା, ୨୮ ।୩(ସମିସ):** କୋରେଇ ବ୍ଲକ ଛୋଟରାୟପୁର ଗ୍ରାମରେ ଅବସ୍ଥିତ ଏକ୍ସେଲସିଅର +୨ ବିଜ୍ଞାନ କଲେଜରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏକ୍ସେଲସିଅର ଗ୍ରୁପର ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ ଯୋଗଦେଇ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହ ହୋଲିର ଶୁଭେଚ୍ଛା ଓ ଶୁଭ କାମନା ଜଣାଇଥିଲେ। ଛାତ୍ରଛାତ୍ରୀ କଲେଜର ନିର୍ଦ୍ଦେଶକଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ହୋଲିର ଶୁଭେଚ୍ଛା ଜଣାଇବା ସହିତ ରଙ୍ଗ ଦେଇ ଆଶୀର୍ବାଦ କାମନା କରିଥିଲେ। ଏଥିସହିତ ସମସ୍ତେ ଏକତ୍ରିତ ହେଇ ପରସ୍ପର ପରସ୍ପରକୁ ମିଠା ଖୁଆଇ ଖୁସି ବାଣ୍ଟିଥିଲେ। ଛାତ୍ରଛାତ୍ରୀଙ୍କ ମାନସିକତା ହୃଦୟଙ୍ଗମ କରି କଲେଜରେ ବିଭିନ୍ନ ପ୍ରକାରର ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ ଓ ଏଭଳି ନିଆରା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମାନସିକ ବିକାଶରେ ସହାୟକ ହେଇଥାଏ ବୋଲି କଲେଜ ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ। କଲେଜର ଅଧ୍ୟକ୍ଷ ବି. ସୀମାଞ୍ଚଳ ପାତ୍ର, ସାଇପ୍ରସନ୍ନ ବେହେରା, ଅମିତାଭ ଦାସ, ସତ୍ୟବ୍ରତ ବାରିକ, କୃଷ୍ଣଚନ୍ଦ୍ର ବେହେରା, ଦେବେନ୍ଦ୍ର ନାୟକ, ନାରାୟଣ ମଲ୍ଲିକ, ଏମଡି ଫାୟାଜ, ଗୌରାଙ୍ଗ ବେହେରା, ଦୁଷ୍ମନ୍ତ ରାଉତ, ବିକାଶ ଚନ୍ଦ୍ର ସାହୁ, ଖଗେଶ୍ୱର ନାଥ, ବିଶ୍ୱଜିତ କୁମାର, ଅରୁଣ କୁମାର ଜେନାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।



# ଶ୍ରୀଧର ସ୍ମୃତି ସୌରଭ ସ୍ମରଣିକା ଓ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଅସୁରାଳି, ୨୮ ।୩(ସମିସ):** ଧାମନଗର ବ୍ଲକ ଅସୁରାଳି ପଞ୍ଚାୟତ ଅସୁରାଳି ଗାଁରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ଦାସଙ୍କ ପ୍ରଥମ ବାର୍ଷିକ ଉତ୍ସବରେ ଶ୍ରୀଧର ସ୍ମୃତି ସୌରଭ ସ୍ମରଣିକା ଓ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଚେତନା ସାହିତ୍ୟ ସଂସଦ ସଂପାଦକ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ରୂପକ ସ୍ମୃତି ସାହିତ୍ୟ ସଂସଦର ପ୍ରତିଷ୍ଠାତା ଗୋପୀନାଥ ଗନ୍ତାୟତ, ସମ୍ମାନିତ ବକ୍ତା ସହ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ଚନ୍ଦ୍ର ବେହେରା, ନାଟ୍ୟସାରଥୀ ସାରଥୀ ପଣ୍ଡା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ପ୍ରେମାନନ୍ଦ ଦାସ, ସାମ୍ବାଦିକ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମର ଆୟୋଜକ ଥିଲେ ଶ୍ରୀଧର ଦାସ ସ୍ମୃତି କମିଟି । ତାଙ୍କର କନିଷ୍ଠ ଭ୍ରାତା ତଥା ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କରଦା ସରପଞ୍ଚ ପଦ ଅସିଦ୍ଧ ଘୋଷିତ

**ଦୋବଲ, ୨୮ ।୩(ସମିସ)**

ଧାମନଗର ବ୍ଲକ କରଦା ପଞ୍ଚାୟତର ସରପଞ୍ଚ ମମତା ଆଚାର୍ଯ୍ୟଙ୍କୁ ଅଯୋଗ୍ୟ ଘୋଷଣା କଲେ ଧାମନଗର ଦେୱାନୀ ଅଦାଲତ(କନିଷ୍ଠ) । ତାଙ୍କ ନିର୍ବାଚନକୁ ମଧ୍ୟ ଅସିଦ୍ଧ ଘୋଷଣା କରିଛନ୍ତି ଦେୱାନୀ ଅଦାଲତର ଜଜ୍ ନୀଳିମା ଷଡ଼ଙ୍ଗୀ । ଏହାସହ କରଦା ପଞ୍ଚାୟତରେ ତୁରନ୍ତ ସରପଞ୍ଚ ପଦର ନିର୍ବାଚନ କରିବା ଲାଗି ପଦକ୍ଷେପ ନେବାକୁ ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରପଞ୍ଚ ମମତା ଆଚାର୍ଯ୍ୟଙ୍କ ୨ରୁ ଅଧିକ ସନ୍ତାନ ଥିବାରୁ ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ପ୍ରତିପକ୍ଷ ତଥା ୨୦୨୨ ପଞ୍ଚାୟତ ନିର୍ବାଚନରେ କରଦା ପଞ୍ଚାୟତର ପରାଜିତ ପ୍ରାର୍ଥିନୀ ବିନୋଦିନୀ ପୋଥାଳ ଆପତ୍ତି ଉଠାଇଥିଲେ । ତେବେ ସେତେବେଳେ ଧାମନଗର ବିଡିଓ ଏହାକୁ ଗ୍ରହଣ କରିନଥିଲେ । ରାଜନୈତିକ ପ୍ରଭାବ ଯୋଗୁଁ



ଏଥିରୁ ରକ୍ଷା ପାଇ ମମତା ନିର୍ବାଚନ ଲଢ଼ିଥିଲେ ଓ ବିଜୟୀ ହୋଇଥିଲେ । ଏହାପରେ ବିନୋଦିନୀ ଧାମନଗର ଅଦାଲତରେ ନିର୍ବାଚନୀ ମାମଲା ଦାୟର କରିଥିଲେ । ଶୁଣାଣି ବେଳେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ । ଉପଯୁକ୍ତ ପ୍ରମାଣକୁ ଅନୁଧ୍ୟାନ କରି ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ-୧୯୬୪ର ଧାରା ୩୯ରେ ଦିଆଯାଇଥିବା କ୍ଷମତା ବଳରେ ଧାମନଗର ଦେୱାନୀ ଅଦାଲତର ଜଜ୍ (କନିଷ୍ଠ) ସମାନ ଆଇନର ଧାରା ୨୫(୧)(ଭି)ରେ ଥିବା ବ୍ୟବସ୍ଥା ଅନୁଯାୟୀ ମମତାଙ୍କୁ ସରପଞ୍ଚ ପଦରୁ ଅଯୋଗ୍ୟ ଘୋଷଣା କରିଛନ୍ତି । ଏହାସହ ୨୦୨୨ ପଞ୍ଚାୟତ ନିର୍ବାଚନକୁ କରଦା ପଞ୍ଚାୟତ ପାଇଁ ଅସିଦ୍ଧ ଘୋଷଣା କରିଛନ୍ତି । ଆଇନଜୀବୀ ଅମର ମହାନ୍ତି ଓ ରଞ୍ଜିତ ମହାନ୍ତି ଅଭିଯୋଗକାରିଣୀ ତରଫରୁ ମାମଲା ପରିଚାଳନା କରିଥିଲେ । ତେବେ ଏନେଇ ମମତା ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ ଉପର କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।

# ପୁରାତନ ଝାଡ଼ପଟା ଓ ପୀରହାଟ ଦେଶ ମେଳଣ

**ତିହିଡ଼ି, ୨୮ ।୩(ସମିସ):** ପ୍ରାୟ ଦେଢ଼ ଶହ ବର୍ଷର ପୁରୁଣା ଝାଡ଼ପଟା ଓ ପୀରହାଟ ଦେଶ ମେଳଣ ତିହିଡ଼ି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ଗୁଆମାଳ ପଞ୍ଚାୟତ ଝାଡ଼ପଟା ଗ୍ରାମର ଝାଡ଼ପଟା ମେଳଣ ପଡ଼ିଆରେ ୧୫୦ ବର୍ଷର ପୁରୁଣା ମେଳଣ ମହାସମାରୋହରେ ପାଳିତ ହୋଇଥିଲା । ୪୦ରୁ ଊର୍ଦ୍ଧ୍ୱ ବିମାନ ଏହି ମେଳଣରେ ଅଂଶଗ୍ରହଣ କରିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ଆମ୍ବ ବଗିଚା ଭିତରେ ଏହି ମେଳଣ ଲୋକଙ୍କ ଦ୍ୱାରା ବେଶ ଉପଭୋଗ୍ୟ ହୋଇଥାଏ । ୭ଟି ବିମାନ କ୍ରମିକ ସଂଖ୍ୟାରେ ଆସିଥା'ନ୍ତି । ପ୍ରଥମେ ଶ୍ରୀଧର ମହାପ୍ରଭୁଙ୍କ ବିମାନ



ପହଞ୍ଚିଥିଲା ଓ ଶେଷରେ ପାଣି ଭଣ୍ଡାରର ବିମାନ ଆସ୍ଥାନସ୍ଥଳୀ ଛୁଇଁବା ପରେ ଏହି ମେଳନର ଅବସାନ ଘଟିଥିଲା । ଝାଡ଼ପଟା ମେଳନ କମିଟି ପକ୍ଷରୁ ସୁରେଶ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ପଦ୍ମନାଭ ପାଢ଼ୀ, ପ୍ରସନ୍ନ ପାଢ଼ୀ, ହୃଦାନନ୍ଦ ପାଣିଗ୍ରାହୀ, ରଘୁନାଥ ମହାନ୍ତି ପ୍ରମୁଖ ସ୍ଥାନୀୟ ଅଞ୍ଚଳର ବୟୋଜ୍ୟେଷ୍ଠମାନଙ୍କ ତତ୍ତ୍ୱାବଧାନ ଓ ଠାକୁର ବାଡ଼ିଆମାନଙ୍କ ସହଯୋଗରେ ଏହି ମେଳନ ବେଶ ଆକର୍ଷଣୀୟ ହୋଇପାରିଥିଲା । ସୂଚନାଯୋଗ୍ୟ, ଠାକୁରଙ୍କ ବିମାନକୁ କାନ୍ଧରେ ନେବା ପାଇଁ ଠାକୁର ବାଡ଼ିଆମାନଙ୍କ ସମେତ ସାଧାରଣ ଜନତାଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇବା ଏଠିକା ମେଳନର ଏକ ବିଶେଷ ଆକର୍ଷଣ । ପୀରହାଟ କାଳୀପଡ଼ିଆଠାରେ ପ୍ରାୟ ୧୩୦ ବର୍ଷର ପୁରୁଣା ପୀରହାଟ ଦେଶ ମେଳଣ ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇ ମଙ୍ଗଳବାର ସକାଳେ ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ ସ୍ଥାନରୁ ୧୮ଟି ବିମାନ ମେଳଣରେ ଯୋଗଦେଇଥଲେ । ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇ ବିମାନଗୁଡ଼ିକ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ । ବାଡ଼ି ଖେଳ, ବାଣ, ରୋଷଣୀ, ବାଦ୍ୟ ଓ ଆଲୋକ ସଜ୍ଜାରେ ଏହି ମେଳଣ ଉତ୍ସବ ଜମି ଉଠିଥିଲା । ପୀରହାଟର ବିଭିନ୍ନ ଅଞ୍ଚଳରୁ ବହୁ ଦର୍ଶକ ଏହି ମେଳନ ଦେଖିବାପାଇଁ ଭିଡ଼ ଜମାଇଥିଲେ ।

# ଧାମନଗର ସହରରେ ହୋଲି ଓ ଦୋଳ ମେଳଣ

**ଧାମନଗର, ୨୮ ।୩(ସମିସ):** ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ପରମ୍ପରା, ସଂସ୍କୃତି, ଐତିହ୍ୟର ସାକ୍ଷୀ, ଗଣପର୍ବ, ଅଧ୍ୟାତ୍ମିକତାର ବାର୍ତ୍ତା ବହନ କରେ ରଙ୍ଗ, ବେରଙ୍ଗ, ମିଳନ ଓ ଭାଇଚାରାର ପର୍ବ ପରସ୍ପର ମଧ୍ୟରେ ରଙ୍ଗ ଲଗାଇ ହୋଲି ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଧାମନଗର ଏନ ଏ ସି ତଥା ସହର ଅନ୍ତର୍ଗତ ମେଡିକାଲ ବଜାର ଶ୍ୟାମପୁର ସ୍ଥିତ ମେଳଣ ପଡ଼ିଆ ପରିସରରେ ଶ୍ୟାମସୁନ୍ଦର ମେଳଣ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ୟାମପୁର ଗ୍ରାମର ରାଧାକୃଷ୍ଣ ଶ୍ରୀଜୀଉଙ୍କୁ ପ୍ରଥମେ ମେଳଣ ମଣ୍ଡଳରେ ସ୍ଥାନ ଅଳଙ୍କୃତ କରିଥିଲେ । ଏହାପରେ କରସାହି, ଗୌରୀୟାପଡ଼ା, ମନ୍ତେଇ ବାଟି, ବଜାର ସାହି, ଥାନାପତି, ବାଣୁଆ, କୋରିଗାଁ, ଗଉଡ଼ ସାହି ଆଦି ୧୦ଟି ଶ୍ରୀ ରାଧାଗୋବିନ୍ଦଜୀଉଙ୍କୁ ସୁସଜ୍ଜିତ କରି ମହାସମାରୋହରେ ବିଭିନ୍ନ ସାହିବସ୍ତିରୁ ବାହାରି ମେଳଣ ମଣ୍ଡପ ଠାରେ ପହଞ୍ଚି ପୂଜାର୍ଚ୍ଚନା କରାଯାଇଛି । ଏହି ଉପଲକ୍ଷେ ମେଳଣ କମିଟି ତରଫରୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ



ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମେଳଣ ସମାରୋହ ଚୁଡାକୁଟି, ବୟାଙ୍ଗଡିହ ଭଗବାନପୁର ଆଦି ଅଞ୍ଚଳରେ ଧୁମଧାମରେ ପାଳନ କରାଯାଇଛି । ଧାମନଗର ଓ ଧୁଷୁରୀ ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ଉଦ୍‌ଯାପିତ ହେଲା କୋରୁଆ ମେଳଣ

**ଅସୁରାଳି, ୨୮ ।୩(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୋରୁଆର ଦୋଳ ମେଳଣ ସ୍ଥାନୀୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଳଣ ଉତ୍ସବର ଥାନପତି ଠାକୁର ହେଉଛନ୍ତି ଗୋପାଳଜୀଉ । ଏହି ମେଳଣ ଉତ୍ସବ ମୁଖ୍ୟତଃ ସଭାପତି ଦିବାକର ବେହେରା, ସମ୍ପାଦକ ତ୍ରିଲୋଚନ ଦାସ, ସ୍ଥାନୀୟ ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ, ବରିଷ୍ଠ ନାଗରିକ ଆକୁଳ ଚନ୍ଦ୍ର ଦାସ, ସଂପାଦକ ଅର୍ଜୁନ ବେହେରା, ସୁକାନ୍ତ ନାୟକ, ସମାଜସେବୀ ରଘୁନାଥ ବିଶ୍ୱାଳ, ପ୍ରଶାନ୍ତ ମହାକୁଡ, ରମାକାନ୍ତ ମହାକୁଡ ଓ ଠାକୁର ବାଡିଆ କର୍ମକର୍ତ୍ତା ତଥା ସ୍ଥାନୀୟ ଜନ ସାଧାରଣଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥାଏ । ୧୯୯୭ ମସିହାଠାରୁ ଧନୀ



ବାରିକଙ୍କ ପ୍ରଚେଷ୍ଟାରେ ଦାଣ୍ଡ ମେଳଣ ହୋଇ ଆସୁଥିଲା । କାଳକ୍ରମେ ଏହାର ପ୍ରଚାର ଓ ପ୍ରସାର ଦ୍ୱାରା ବର୍ତ୍ତମାନ ସୁସଜ୍ଜିତ ଆଲୋକମାଳା ଆତସବାଜି ସହ ମେଳଣ ପଡ଼ିଆରେ ଭକ୍ତ ଓ ଭଗବାନଙ୍କ ମିଳନ ହୋଇଥାଏ । ବର୍ତ୍ତମାନ ଧନୀ ବାରିକଙ୍କ ଉତ୍ତରଦାୟାଦ ଭାବେ ଆନନ୍ଦ ବାରିକ ଓ ପରମାନନ୍ଦ ବାରିକ ଗ୍ରାମବାସୀଙ୍କ ସହଯୋଗ ଦ୍ୱାରା କୋରୁଆ ମେଳଣ ପଡ଼ିଆରେ ଉତ୍ସବ ଅନୁଷ୍ଠିତ ହେଉଛି । ମେଳଣ ଉତ୍ସବରେ ପ୍ରାୟ ୮ଟି ବିମାନରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ଶୋଭା ପାଇଥାଏ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାଲା ପରିବେଷଣ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି ।

# ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବ ପାଳିତ

**ବାସୁଦେବପୁର, ୨୮ ।୩(ସମିସ):** ବାସୁଦେବପୁରର ଖରିଦା ବିନାୟକପୁର ସ୍ଥିତ କାଳିଆପଦାରେ ଦୋଳ ମେଳଣ ପାଳିତ ହୋଇଯାଇଛି । ପୌରପାଳିକାର ମହିଁଷାପଦା ଠାରେ କାଳିନଣ ମେଳଣ ଓ କିଆପଡ଼ା ଠାରେ ମେଳଣ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ମହିଁଷାପଦାରେ ଅଞ୍ଚଳବାସୀ ଓ କମିଟିର ସହଯୋଗରେ ବିଭିନ୍ନ ସ୍ଥାନରୁ ୧୩ଟି ଠାକୁର ବିମାନ ମେଳଣ ମଣ୍ଡପ ଅଭିମୁଖେ ବାହାରିଥିଲେ । ବିନାୟକପୁର ସ୍ଥିତ କାଳିଆପଦା ମେଳଣ ବେଶ ଧୁମଧାମରେ ପାଳିତ ହୋଇ ଯାଇଛି । ସେହିପରି ପ୍ରସିଦ୍ଧ ବ୍ରାହ୍ମଣଗାଁ ମେଳଣ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଚଳିତବର୍ଷ ଠାକୁର ବାଡିଆଙ୍କ ସମେତ କମିଟି କର୍ମକର୍ତ୍ତାଙ୍କ



ମଧ୍ୟରେ ପର୍ବପାଳନ ପାଇଁ ବେଶ ଉତ୍କଣ୍ଠା ପ୍ରକାଶ ପାଇଥିଲା । ବିଭିନ୍ନ ଅଞ୍ଚଳରୁ ୪୩ଟି ସୁସଜ୍ଜିତ ବିମାନ ବ୍ରାହ୍ମଣଗାଁ ମେଳନ ପଡ଼ିଆ ଅଭିମୁଖେ ଆସିଥିଲେ । ଠାକୁର ବାଡିଆଙ୍କ ପକ୍ଷରୁ ଆୟୋଜିତ ରାଧାକୃଷ୍ଣଙ୍କ ଦର୍ଶନୀୟ ଶୋଭାଯାତ୍ରା ଦେଖିବାକୁ ଭକ୍ତମାନଙ୍କ ଭିଡ଼ ଜମିଥିଲା । ବ୍ରାହ୍ମଣଗାଁ ସ୍ଥିତ ବୁଢ଼ା ମହାଦେବଙ୍କ ଠାରେ ସଭିଁଏ ସମବେତ ହୋଇ ବୁଢା ମହାଦେବଙ୍କୁ ଅବିର ପ୍ରଦାନ କରି ମେଳନ ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ । ଐତିହାସିକ ମେଳନ ପଡ଼ିଆରେ ପ୍ରଥମେ ପ୍ରଭୁ ରାଧାମାଧବଙ୍କ ବିମାନ ପୂଜା ମଣ୍ଡପରେ ଅବସ୍ଥାନ କରିବା ପରେ ପଛକୁ ପଛ ୪୩ଟି ବିମାନକୁ ସ୍ଥାପିତ କରାଯାଇଥିଲା । ପ୍ରଭୁଙ୍କ ଅବିର ଖେଳକୁ ଭକ୍ତମାନେ ସାରା ରାତି ଉଜାଗର ହୋଇ ସାନିଧ୍ୟ ଲାଭ କରିଛନ୍ତି । ସମସ୍ତ ବିମାନ ମଣ୍ଡପରେ ବସିବା ପରେ କମିଟି ପକ୍ଷରୁ ମହାଯଜ୍ଞର ଆୟୋଜିନ କରାଯାଇଥିଲା । ଦିନ ତମାମ ଭକ୍ତମାନଙ୍କ ସମାଗମରେ ପୁରି ଉଠିଥିଲା ବ୍ରାହ୍ମଣଗାଁ ଅଞ୍ଚଳ । ରାତିତମାମ ପ୍ରଭୁ ରାଧାକୃଷ୍ଣ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଭାବାବେଗ ମେଳନ ପଡ଼ିଆ ପୁରି ଉଠିଥିଲା ।

# ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ମଞ୍ଜୁରୀରୋଡ୍, ୨୮ ।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଶୋଳ-କୁଲଣା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୧୯୮୮ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ତେସିଙ୍ଗା ସମିତି ସଭାପତି ତଥା ପୁରାତନ ଛାତ୍ର ନାରାୟଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବନ୍ଧୁ ମିଳନ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷକ ହରମୋହନ କୁଅଁର, ଭାଗବତ ପ୍ରସାଦ ସାହୁ, ସୁଧାଂଶୁ ଶେଖର ବେହେରା, ପୁଷ୍ପାଞ୍ଜଳି ପଣ୍ଡା, ଗୋଲକ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନର ଶିକ୍ଷା ପ୍ରଣାଳୀ ଓ ଅନୁଶାସନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଲଛମନ ଦାସ, ଗୋପାଳ ଚନ୍ଦ୍ର ମହଲ, ଦୁର୍ଯ୍ୟୋଧନ ଦାସ, ବସନ୍ତ କୁମାର ରାଉତ, ଚୈତନ୍ୟ ଜେନା, ଏକାଦଶୀ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଶ୍ରୀବଚନ ପ୍ରଦାନ କରିଥିଲେ । ସେହିଭଳି ଛାତ୍ର ନରେନ୍ଦ୍ର ଲେଙ୍କା, ପ୍ରଭାକର ସାହୁ, ରମେଶ ଧଳ, ରମେଶ ସେଠୀ, ଶଙ୍କର୍ଷଣ ଦାସ, ମନୋରମା ଖଣ୍ଡାଇ, ମୀନାରାଣୀ ଖଣ୍ଡାଇ, ମାନସୀ ରାଉତ, ମନ୍ଦାକିନୀ ରାଉତ, ସୁକାନ୍ତି ଦାସ, ସରସ୍ୱତୀ ପଣ୍ଡା ପ୍ରମୁଖ ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ । ପୁରାତନ ଛାତ୍ର ଗଜେନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ, ଶଙ୍କର୍ଷଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଶ୍ରୀଧର ପଣ୍ଡା, ଭାଗିରଥି ସେନାପତି, ସୋମନାଥ ପଣ୍ଡା, ଦିଲ୍ଲୀପ ଦେ, ସପନ ଦେ, ଅଶୋକ ଧଳ, ରାଜେନ୍ଦ୍ର ମଲ୍ଲିକ, ଅନ୍ନପୂର୍ଣ୍ଣା ଖିଲାର, ସଂଯୁକ୍ତା ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

# ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା

**ଅସୁରାଳି, ୨୮ ।୩(ସମିସ):** ଧାମନଗର ବ୍ଲକ ଭଟ୍ଟସାହି ପଞ୍ଚାୟତ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡିହଭଟ୍ଟସାହିର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନନ୍ଦ କିଶୋର ଦଳାଇ ସଭାପତିତ୍ୱ କରିଥିଲେ ଓ ପରିଚାଳନା କମିଟିର ସଭାପତି ସସ୍ମିତା ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ନିଜର ଭବିଷ୍ୟତ ଗଢିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ସଞ୍ଜୟ ବିନ୍ଧାଣୀ ଯୋଗ ଦେଇ ଶିଶୁ ମାନେ ତାଙ୍କର ଆଚରଣ,



ଉଚ୍ଚାରଣ ଠିକ୍ କରିବା ସହିତ ଭଲ ମଣିଷ ହୋଇ ରାଷ୍ଟ୍ର ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ରମାକାନ୍ତ ପରିଡ଼ା ଓ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ମହାପାତ୍ର, କ୍ରିଷ୍ଣାରାଣୀ ଓଝା ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ । ଶିଶୁମାନଙ୍କର ଆଶାତୀତ ସଫଳତା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଛାତ୍ରୀ ଗୀତାରାଣୀ ସାହୁ, ବର୍ଷାରାଣୀ ସାହୁ, ଶ୍ରୀୟାରାଣୀ ସାହୁ, ଲିପ୍ସାରାଣୀ ନାୟକ ଓ ଛାତ୍ର ସୀତାରାମ ବାରିକ୍ ତାଙ୍କର ସ୍ମୃତି ଓ ଅନୁଭୂତିକୁ ନିଜର ବକ୍ତବ୍ୟ ରଖିଥିଲେ । ଶିକ୍ଷକ ଶୁକଦେବ ତରାଇ ଅତିଥି ପରିଚୟ କରିଥିବା ବେଳେ ଶିକ୍ଷକ ଦୈତାରୀ ମଳିକ ଧନ୍ୟବାଦ ଦେଇଥିଲେ ।

# ଦେବୀ ଉପାସକଙ୍କ ସ୍ମୃତିଚାରଣ ସଭା

**ଭଦ୍ରକ, ୨୮ ।୩ (ସମିସ):** ଭଦ୍ରକ ବ୍ଲକ କଲେଇ ପଞ୍ଚାୟତ ବଳାଜିତପଡ଼ା ଗାଁର ଦେବୀ ଉପାସକ କୈଳାଶ ଚନ୍ଦ୍ର ଲେଙ୍କା ଶେଷ ସମୟ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାର ପ୍ରତିଷ୍ଠିତ ଦେବୀ ମା' କ୍ଷେତ୍ରବାସିନୀଙ୍କ ଉପାସକ ଭାବେ ତାଙ୍କ ସେବା କରିଆସୁଥିଲେ । ଜଣେ ଆଦର୍ଶ ସ୍ନେହପ୍ରେମୀ, ଈଶ୍ୱରବିଶ୍ୱାସୀ ତଥା ସମାଜସେବୀ ଭାବେ ତାଙ୍କୁ ଚିରକାଳ ଏ ଅଞ୍ଚଳବାସୀ ମନେ ରଖିବେ ବୋଲି ତାଙ୍କର ଏକାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ବଳାଜିତପଡ଼ା ଗ୍ରାମରେ ଆୟୋଜିତ ସାନ୍ଧ୍ୟର ଏହି ସ୍ମୃତିଚାରଣ ସଭାକୁ ସ୍ୱର୍ଗତଃ ଲେଙ୍କାଙ୍କ ପୁତ୍ର ରଣଜିତ ପ୍ରସାଦ ଓ ବିଭୁଦେନ୍ଦ୍ର ଲେଙ୍କା ସଂଯୋଜନା କରିଥିବାବେଳେ ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ ଅଧକ୍ଷତା କରିଥିଲେ । ଅଧାପକ ସିଦ୍ଧେଶ୍ୱର ସାହୁ, ସାମ୍ବାଦିକ ପ୍ରମୋଦ ରାୟ, କଲେଇ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଯୁବନେତା ଇଂ. ତାପସ ରାୟ, ତୁଷାରକାନ୍ତି ପରିଡ଼ା, ସୁନୀଲ ଲେଙ୍କା, ପ୍ରବୋଧ ଲେଙ୍କା, ରଞ୍ଜନ ମହାପାତ୍ର, ମହେଶ୍ୱର ଲେଙ୍କା, ଅମର ବାରିକ, ଅରବିନ୍ଦ ପରିଡ଼ା, ଡ. ଦେବେନ୍ଦ୍ର ସ୍ୱାଇଁ, ପ୍ରଦୀପ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ଅବ୍ୟକ୍ତ ସ୍ମୃତି ଦିବସ

**ବାରିକପୁର, ୨୮ ।୩(ସମିସ):** ଭଣ୍ଡାରିପୋଖରୀ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଠାରେ ଦାଦୀ ଜାନକୀଙ୍କର ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି । ବିକେ ସରସ୍ୱତୀ ଏଥିରେ ଉପସ୍ଥିତ ରହି ଦାଦି ମା'ଙ୍କ ଆଦର୍ଶ ଜୀବନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ଛଡ଼ା ଦେଶ ବିଦେଶରେ ତାଙ୍କ ସେବା ସଂପର୍କରେ ସ୍ମୃତି ଚାରଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଆଶ୍ରମ ପରିସରରେ ବୈଦିକ ହୋଲି ଉତ୍ସବ ପାଳନ ହୋଇଥିଲା । ସ୍ମୃତି ଦିବସ କାର୍ଯ୍ୟକ୍ରମକୁ ସମସ୍ତ ବିକେ ଭାଇ ଓ ଭଉଣୀମାନେ ପରିଚାଳନା କରିଥିଲେ ।

# ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପ୍ରସ୍ତୁତି ବୈଠକ

**ଧାମନଗର, ୨୮ ।୩(ସମିସ):** ଧାମନଗର ମେଡିକାଲ ବଜାର ନିକଟସ୍ଥ ମେଳଣପଡ଼ିଆଠାରେ ଶ୍ରୀରାମ ମହାଯଜ୍ଞ ସମିତି ଧାମନଗର ତରଫରୁ ଆସନ୍ତା ଏପ୍ରିଲ ୧୭ ତାରିଖରୁ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଧାମନଗରର ଗଣପର୍ବ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାମନଗର ବରିଷ୍ଠ ନାଗରିକ ପରିଷଦର ବରିଷ୍ଠ ସଭ୍ୟ ମହେଶ୍ୱର ସ୍ୱାଇଁ ବୈଠକକୁ ପରିଚାଳନା କରିଥିବାବେଳେ ଏଥିରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ୍, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ତ୍ରିବିକ୍ରମ ମହାରାଜ, କୈଳାଶ ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ବିପିନ ବିହାରୀ ପଣ୍ଡା, ଶଚିକାନ୍ତ ପଣ୍ଡା, ଅଶୋକ କୁମାର ଦାସ, ଚିତ୍ତରଞ୍ଜନ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ସୁଚାରୁରୂପେ କାର୍ଯ୍ୟକ୍ରମ ହେବ ସେନେଇ ବ୍ୟାପକ ଆଲୋଚନା ସହିତ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସ୍ୱାଧୀନ ସମ୍ବିତ ଦାଶ, କାଉନସିଲରଙ୍କ ପ୍ରତିନିଧି ଧୀରେନ୍ଦ୍ର କର, ଗୌତମ ମହାନ୍ତି, ସନ୍ତୋଷ ଦାଶ ଅଧିକାରୀ, ସଞ୍ଜୟ ସ୍ୱାଇଁ, ପ୍ରଣୟ ମହାନ୍ତି, ଶୁଭେନ୍ଦୁ ପାତ୍ର, ସୌମ୍ୟରଞ୍ଜନ ସାହୁ, ଶ୍ରୀଧର ବେହେରା, ଲକ୍ଷ୍ମୀଧର ବେହେରା, ରାଜେଶ ବେହେରା ସ୍ମୃତିରଞ୍ଜନ ବାରିକ, ରମେଶ ବେହେରା, ପ୍ରଶାନ୍ତ ପରିଡ଼ା, ଅନାଦି ପରିଡ଼ା, ମାନସ ପରିଡ଼ାଙ୍କ ସମେତ ପ୍ରମୁଖ ଶହଶହ ସଂଖ୍ୟାରେ ସନାତନ ପ୍ରେମୀ ଯୋଗଦେଇ ଥିବାବେଳେ କାର୍ଯ୍ୟକ୍ରମ ଶେଷରେ ଶ୍ରୀରାମ ମହାଯଜ୍ଞ ସମିତିର ସଦସ୍ୟ ବିଜୟ ରାମ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆଲୋକୀକରଣ ନାମରେ ଗାତ ଖୋଳି ଠିକାଦାର ଫେରାର୍

**ଭଦ୍ରକ, ୨୮ ।୩(ସମିସ)**

ଭଦ୍ରକ ଜିଲ୍ଲା ଧାମରା ଅଞ୍ଚଳରେ ଥିବା ପଞ୍ଚାୟତ ଗୁଡିକର ଆଲୋକୀକରଣ କାମ ଅଧାରୁ ଛାଡି ଠିକାଦର ଫେରାର୍ ହୋଇଯାଇଛି । ବାଂଶଡା, ଧାମରା, ଜାଗୁଳା, ଦୋସିଙ୍ଗା, କଇଥଖୋଲା, କରଞ୍ଜମାଳ, କରଣପଲ୍ଲୀ ଏବଂ ପଞ୍ଚୁଟିକ୍ରି ପଞ୍ଚାୟତରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ପାଇଁ ଚାନ୍ଦବାଲି ବ୍ଲକ କର୍ତ୍ତୃପକ୍ଷ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦେଇଥିଲେ । ସଂପୃକ୍ତ ଠିକାଦାର ଆସି ପ୍ରଥମ ପଦକ୍ଷେପ ସ୍ୱରୂପ ଏହି ସମସ୍ତ ପଞ୍ଚାୟତରେ ଥିବା ଛୋଟ ଛୋଟ ବଜାରରେ ଗାତ ଖୋଳି ଦେଇ



ଚାଲିଯାଇଥିଲେ । ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ପୁନଶ୍ଚ ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ସଂପୃକ୍ତ ଠିକାଦାରଙ୍କ ରାଜମିସ୍ତ୍ରି ଆସି ଏହି ଗାତରେ ଢଳେଇ ପକାଇବା ସହ ଲାଇଟ ପୋଷ୍ଟକୁ ସଂଯୋଗୀ କରଣ କରିବାକୁ ଏକ ଲମ୍ବ ଗାତ ଖୋଳି ଦେଇ ଚାଲିଯାଇଛନ୍ତି । ଏହି ଖୋଳାଯାଇଥିବା ଗାତରେ ଗୋରୁଗାଇ, ଛେଳି ମେଣ୍ଢା ପଡ଼ି ଯାଉଥିବା ଦୃଷ୍ଟି ଗୋଚର ହେବା ସହ ସେମାନଙ୍କର ଗୋଡ ମଧ୍ୟ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି । କେଉଁ ପରିସ୍ଥିତିରେ ଦୀର୍ଘ ଦିନ ଧରି ସଂପୃକ୍ତ ଠିକାଦାର ଆସି ଲୋକ ଦେଖାଣିଆ କାମ ଅଧାପନ୍ତରିଆ କରି ଚାଲିଯାଉଛନ୍ତି ଏବଂ ଅଭିଯୋଗ କରିବା ପରେ ମଧ୍ୟ ବ୍ଲକ କର୍ତ୍ତୃପକ୍ଷ ଏହାକୁ କର୍ଣ୍ଣପାତ କରୁ ନାହାନ୍ତି ତାହା ଆଲୋଚ୍ୟର ବିଷୟ ପାଲଟିଛି । ତୁରନ୍ତ ଏହି କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧ ବାର୍ଷିକୀ ଓ ପ୍ରତିମୂର୍ତ୍ତି ଉନ୍ମୋଚନ

**ଦୋବଲ, ୨୮ ।୩(ସମିସ):** ଧାମନଗର ଅଞ୍ଚଳର ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ ଓ ଧାମନଗର ବ୍ଲକ ବ୍ଲକ କଂଗ୍ରେସର ପ୍ରାକ୍ତନ ସଭାପତି ରାମଚନ୍ଦ୍ର ଦାଶଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ତାଙ୍କ ନିଜ ଗ୍ରାମ ଆନନ୍ଦପୁର ଠାରେ ପାଳିତ ହୋଇଛି । ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ସେହି ସଭାରେ ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାଶ ଅଧକ୍ଷତା କରିଥିବାବେଳେ ଆଇନଜୀବୀ ଦେବାଶିଷ ସାମଲ ସଭା ସଞ୍ଚାଳନ କରିଥିଲେ । ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ଓ ମୁରଲୀଧର ଯେନା, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଡା.ସଞ୍ଜୟ ଦାସ, ଡା. ବଂଶୀଧର ବେହେରା, ଡା. କାର୍ତ୍ତିକ ରାଉତ,



ଶିକ୍ଷାବିତ ବୃନ୍ଦାବନ ଶତପଥୀ, ବିଭୁତି ଭୂଷଣ ମିଶ୍ର, ରାମଚନ୍ଦ୍ର ପଣ୍ଡା, ନାରାୟଣ ଚନ୍ଦ୍ର ପାଢ଼ୀ, ସୁଧାକର ରାଉତ, ବିଜୟ କୁମାର ଦାସ ଓ ଶରତଚନ୍ଦ୍ର ମାଝୀ, ରମେଶ ଚନ୍ଦ୍ର ପତି ଓ ପ୍ରତାପ ସାମଲ, ତ୍ରିଲୋଚନ ବେହେରା ଓ ବୃନ୍ଦାବନ ମହାନ୍ତି, ହୃଦାନନ୍ଦ କର ପ୍ରମୁଖ ଯୋଗଦେଇଥିଲେ । ସ୍ୱର୍ଗତ ଦାଶ ଅଞ୍ଚଳର ବିକାଶ ପାଇଁ ତାଙ୍କର ଉଦ୍ୟମ ସ୍ମରଣୀୟ ରହିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ । ସ୍ୱର୍ଗତ ଦାଶଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରିବା ସହିତ ସ୍ମରଣୀକା ଉନ୍ମୋଚନ କରିଥିଲେ । ପରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

